ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 39 | 29 September - 5 October 2024 | Sambalpur | Pages- 8 | Invitation Price Rs.10


# ପରମ୍ପରା ଓ ଐତିହ୍ୟ ହେଉଛି ଆମର ଗୌରବ: ଡକ୍ଟର ପି.କେ. ମିଶ୍ର





ନୂଆଦିଲ୍ଲୀ: ଆମର ପରମ୍ପରା ଓ ଐତିହ୍ୟ ହେଉଛି ଆମର ଗୌରବ । ଏହାକୁ ଆହୁରି ପ୍ରଚାରପ୍ରସାର କରିବା ସହ ଏହାର ଅଧିକ ଲୋକପ୍ରିୟ କରିବା ହେଉଛି ଆମର ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି ।

ସ୍ଥାନୀୟ ଜବାହାରଲାଲ ନେହରୁ ଷ୍ଟାଡିଅମ୍‌ର ଅଡିଟୋରିୟମ୍ ଠାରେ 'ଜୁହାର' ପରିବାର ପକ୍ଷରୁ ଆୟୋଜିତ 'ନୂଆଁଖାଇ ପରବ'ର ଦୁଇଦିନିଆ ରୌପ୍ୟ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରି ଡକ୍ଟର ମିଶ୍ର କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦେଶର ଐତିହ୍ୟ ଓ ପରମ୍ପରାକୁ ଆଗକୁ ବଢାଇବା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଆଗାମୀ ପୀଢି ଯେଭଳି ଏହି ପରମ୍ପରା ଓ ଐତିହ୍ୟକୁ ଶାଶ୍ୱତ ରଖିପାରିବ ସେଥିପାଇଁ ଏହିଭଳି 'ପରବ'ର ବିଶେଷ ଆବଶ୍ୟକତା ରହିଛି । ରାଜଧାନୀ ଦିଲ୍ଲୀରେ ଏହି ପରବ ଯେଭଳି ଆଗାମୀ ବର୍ଷମାନଙ୍କରେ ବଜାୟ ରହିବ ସେଥି ସକାଶେ ସେ ଉଦ୍ୟୋକ୍ତାମାନଙ୍କୁ ଅନୁରୋଧ କରିଥିଲେ ।

ଅବଶିଷ୍ଟାଂଶ ଶେଷ ପୃଷ୍ଠାରେ




# ଗୁଣବତ୍ତା ପରୀକ୍ଷାରେ ୫୩ ମେଡିସିନ ଫେଲ୍

ନୂଆଦିଲ୍ଲୀ : ପାରାସିଟାମଲ ସହ ୫୩ ମେଡିସିନ ଗୁଣବତ୍ତା ପରୀକ୍ଷାରେ ଫେଲ ହୋଇଛି । ଏଥିରେ ଭିଟାମିନ, ସୁଗାର, ବ୍ଲଡପ୍ରେସର ସହ ଆଣ୍ଟିବାୟୋଟିକ ମେଡିସିନ ସାମିଲ ରହିଛି । ଦେଶର ସବୁଠୁ ବଡ ଡ୍ରଗ ରେଗୁଲେଟୋରୀ ବଡି ସେଣ୍ଟ୍ରାଲ ଡ୍ରଗ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ (ସିଡିଏସଓ) ଏହାର ତାଲିକା ଜାରି କରିଛି । ଏହି ତାଲିକାରେ କ୍ୟାଲସିୟମ ଏବଂ ଭିଟାମିନ ଡି ସପ୍ଲିମେଣ୍ଟ, ଆଣ୍ଟି ଡାଇବେଟିସ ଟାବଲେଟ ଏବଂ ଉଚ୍ଚ ରକ୍ତଚାପ ମେଡିସିନ ସାମିଲ ରହିଛି ।

ବ୍ୟାନ ହୋଇଥିବା ମେଡିସିନ ମଧ୍ୟରେ ବାତ ମାରିବା, ଅବସାଦ ଲାଗି ବ୍ୟବହାର ହେଉଥିବା କ୍ଲୋନାଜେପାମ ଟାବଲେଟ, ପୀଡା ନିବାରକ ଡିକ୍ଲୋଫେନେକ, ଶ୍ୱାସ ରୋଗ ଲାଗି ବ୍ୟବହାର ହେଉଥିବା ଏମ୍ବ୍ରାକ୍ସୋଲ, ଆଣ୍ଟି ଫଙ୍ଗଲ ଫ୍ଲୁକୋନାକୋଲ, କିଛି ମଲ୍ଟି ଭିଟାମିନ ଏବଂ କ୍ୟାଲସିୟମ ମେଡିସିନ ସାମିଲ ହୋଇଛି ।

ଏହି ମେଡିସିନ ଗୁଡିକ ହେଟୋରୋ ଡ୍ରଗ୍ସ, ଆଲକେମ ଲାବରୋଟୋରିଜ, ହିନ୍ଦୁସ୍ତାନ ଆଣ୍ଟି ବାୟୋଟିକ ଲିମିଟେଡ, କର୍ଣ୍ଣାଟକ ଆଣ୍ଟିବାୟୋଟିକ ଆଣ୍ଡ ଫାର୍ମାସିଟିକାଲ ଲିମିଟେଡ ଭଳି ପ୍ରମୁଖ କମ୍ପାନିଗୁଡିକ ପ୍ରସ୍ତୁତ କରିଛନ୍ତି । ପେଟ ସଂକ୍ରମଣ କ୍ଷେତ୍ରରେ ଦିଆଯାଉଥିବା ମେଟ୍ରୋନିଡାଜୋଲ ମଧ୍ୟ ଏହି ଯାଞ୍ଚରେ ବିଫଳ ହୋଇଛି । ଏହାକୁ ହିନ୍ଦୁସ୍ତାନ ଆଣ୍ଟିବାୟୋଟିକ କମ୍ପାନି ପ୍ରସ୍ତୁତ କରିଛି ।

ସେହିଭଳି ଟରେଣ୍ଟ ଫାର୍ମା ପ୍ରସ୍ତୁତ କରିଥିବା ସେଲକାଲ ଟ୍ୟାବଲେଟ ମଧ୍ୟ ଯାଞ୍ଚରେ ବିଫଳ ହୋଇଛି । ସିଡିଏସସିଓ ୫୩ ମେଡିସିନର ଗୁଣବତ୍ତା ପରୀକ୍ଷା କରିଥିବା ବେଳେ ୪୮ ମେଡିସିନର ସୂଚୀ ଜାରି କରିଛି । ୫୩ରୁ ୫ ମେଡିସିନକୁ ଏହି କମ୍ପାନି ଗୁଡିକ ବନାଇ ନ ଥିବା କହିଛନ୍ତି । ଏହି ମେଡିସିନଗୁଡିକ ସାଧାରଣତଃ ନକଲି ବୋଲି ଜଣାପଡିଛି । ଏମିତିକି ଅସଲି କମ୍ପାନି ନାମରେ ଏହି ନକଲି ମେଡିସିନ ବିକ୍ରିହୋଇଛି । ଏହାପରେ ମେଡିସିନ ଗୁଡ଼ିକୁ ଲିଷ୍ଟରୁ ହଟାଯାଇଛି । ଚଳିତ ବର୍ଷ ଅଗଷ୍ଟରେ କେନ୍ଦ୍ର ସରକାର ୧୫୬ ଫିକ୍ସଡ ଡୋଜ କମ୍ବିନେସନ (ଏଫ୍‌ସି) ଔଷଧ ଉପରେ ପ୍ରତିବନ୍ଧକ ଲଗାଇଥିଲେ । ଏଗୁଡିକ ସାଧାରଣତଃ ଜ୍ୱର, ଥଣ୍ଡା, ଯନ୍ତ୍ରଣା ନିବାରକ, ସାଧାରଣତଃ ଜ୍ୱର, ଥଣ୍ଡା, ଯନ୍ତ୍ରଣା ନିବାରକ, ମଲ୍ଟି ଭିଟାମିନ ଏବଂ ଆଣ୍ଟି ବାୟୋଟିକ ଭାବେ ବ୍ୟବହାର କରାଯାଉଥିଲା । ସରକାର କହିଛନ୍ତି, ଏଗୁଡିକର ବ୍ୟବହାର ମଣିଷଙ୍କ ଲାଗି ହାନିକାରକ ହେବାର ଢେର ଆଶଙ୍କା ରହିଛି ।

ଏହାକୁ ନଜରରେ ରଖି ସରକାର ଏହି ମେଡିସିନଗୁଡିକର ଉତ୍ପାଦନ, ବ୍ୟବହାର ଏବଂ ବିତରଣ ଉପରେ ନିଷେଧାଦେଶ ଜାରି କରାଯାଇଛି । ସରକାରଙ୍କ ଡ୍ରଗ୍ ଟେକ୍ନିକାଲ ଆଡଭାଇଜରୀ ବୋର୍ଡର ସୁପାରିଶ କ୍ରମେ ଏହି ଆଦେଶ ଜାରି କରାଯାଇଥିଲା । ବୋର୍ଡ ନିଜ ରିପୋର୍ଟରେ କହିଛି ଯେ, ଏଫଡିସି ମେଡିସିନରେ ଥିବା ଉପାଦାନ ଯୁକ୍ତିଯୁକ୍ତ ନୁହେଁ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଦେଶ ମୁତାବକ, ଇମାଇଲେଜ, ପ୍ରୋଟିଏଜ, ଗ୍ଲୋକୋଏମାଇଲେଜ, ପ୍ରୋକ୍ଟିନେଜ, ଉଲଫା ଗେଲେକ୍ଟୋସିଡେଜ, ଲାକେଜ, ବିଟାଗ୍ଲୋକୋନେଜ, ସେଲ୍ୟୁଲେସ, ଲାଇପେଜ, ବ୍ରୋମେଲେନ, ଲାଇଲେନସ, ହେମିକେଲ୍ୟୁଲେସ, ମଲ୍ଟଡାୟଷ୍ଟେଜ, ଇନଭର୍ଟେଜ, ପାପେନର ବ୍ୟବହାର କ୍ଷତିକାରକ ହୋଇପାରେ । ବ୍ୟାନ ହୋଇଥିବା ମେଡିସିନ ମଧ୍ୟରେ କେଶ ଚିକିତ୍ସା, ଆଣ୍ଟି ପାରାସିଟିକ, ସ୍କିନ କେୟାର, ଆଣ୍ଟି ଆଲର୍ଜିକ ପାଇଁ ବ୍ୟବହାର ହେଉଥିବା ମେଡିସିନ ମଧ୍ୟ ସାମିଲ ହୋଇଛି । ଏହି ମେଡିସିନଗୁଡିକର ବିକଳ୍ପ ବଜାରରେ ଉପଲବ୍ଧ ଥିବା ସରକାର କହିଛନ୍ତି । ସେହି ମେଡିସିନ ଉପରେ କୌଣସି ପ୍ରତିବନ୍ଧକ ଲାଗିନାହିଁ ।

ଚଳିତ ବର୍ଷ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ନିଶୁଳ୍କ ମେଡିସିନ ଯୋଜନାରେ ଯୋଗାଣ ହେଉଥିବା ୧୦ ମେଡିସିନ ନମୁନା ବିଫଳ ହୋଇଥିଲା । ରାଜସ୍ଥାନ ମେଡିକାଲ ସର୍ଭିସେସ କର୍ପୋରେସନ ୮ କମ୍ପାନିଙ୍କ ୧୦ ମେଡିସିନ ଯୋଗାଣ ଉପରେ ରୋକ ଲଗାଇ ଦେଇଥିଲେ । ଏହା ମଧ୍ୟରେ ଫଙ୍ଗଲ ସଂକ୍ରମଣରେ ବ୍ୟବହାର ହେଉଥିବା ଟାବଲେଟ, ମ୍ୟାଲେରିଆର ଗୁରୁତର ରୋଗୀଙ୍କ କ୍ଷେତ୍ରରେ ବ୍ୟବହାର ହେଉଥିବା ଇଲେକ୍ସନ, ଆଇଡ୍ରପ ଏବଂ ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ହେଉଥିବା କ୍ଷେତ୍ରରେ ବ୍ୟବହୃତ ମେଡିସିନ ସାମିଲ ରହିଛି ।

## ଗୁଜୁରାଟରେ ନୂଆଁଖାଇ ଭେଟ୍‌ଘାଟ୍

ବଡୋଦରା : ଗୁଜୁରାଟ ବଡୋଦରା ସହରରେ ଜୁହାର ପରିବାର ପକ୍ଷରୁ 'ନୂଆଁଖାଇ' ଧୁମଧାମରେ ପାଳିତ ହୋଇ ଯାଇଛି । ଏହି ଅବସରରେ 'ଆମର ମାଏଟ୍' ସ୍ମରଣିକା ମଧ୍ୟ ଉନ୍ମୋଚିତ ହୋଇଛି । ପ୍ରବାସୀ ପଶ୍ଚିମ ଓଡିଶା ବାସୀ ଏକାଠି ହୋଇ ନାଚଗୀତରେ ଝୁମିଥିଲେ । ଏଥିରେ ସୋନପୁରର ସଂସ୍କୃତିକ ଅନୁଷ୍ଠାନ ପର୍ଣ୍ଣରୀର କଳାକାର ସମ୍ବଲପୁରୀ ଗୀତ ବାଦ୍ୟ ଓ ନାଚରେ ସଭିଏଁ ନାଚିଥିଲେ । ଏହି ଅବସରରେ ସମ୍ବଲପୁରୀ ହସ୍ତତନ୍ତର ଲୋକପ୍ରିୟତା ବୃଦ୍ଧି କରିବା ପାଇଁ ଫ୍ୟାସନ ସୋ ଆୟୋଜନ କରାଯାଇଥିଲା । ଏହାସହ ମେଧାବୀ ଓ ଗରିବ ବିଦ୍ୟାର୍ଥୀଙ୍କୁ ଖାତା ବଣ୍ଟନ କରାଯାଇଥିଲା ।

# ସ୍ମରଣରେ 'ସଂଚାର'

### ପ୍ରଫୁଲ୍ଲ କୁମାର ମାଝୀ

୧୯୮୦ ମସିହାର କଥା । ଆକାଶବାଣୀ ସମ୍ବଲପୁର କେନ୍ଦ୍ରରୁ ପ୍ରଚାରିତ ହେଉଥିବା ଏକ ଲୋକଗୀତ କାର୍ଯ୍ୟକ୍ରମ ଏଥିରେ ସ୍ଥାନିତ ହୋଇଥିବା କେତେକ ଗୀତ ମୋର ଧ୍ୟାନ ଆକର୍ଷଣ କରିଥିଲା ।

'ବେଲ ଅବସାନ କାଲେ, ଗୋଧନ ବାହୁଡ଼ା ବେଲେ ଶ୍ୟାମ ଚକଣିଆ ତନୁ, ଧୂଲିଆ ଧୁସର ।'

ଏବଂ 'ଆହା ଚମେଲି ମଜାରେ ସାରା ଦୁନିଆ ମଜା ।, ଆହୁରି ମଜା ।

ଚଉତ୍ ଧର୍ମ ପର ଉପକାର ଆଦର ମଜା

ସରବ ରାଇଜେ ଖ୍ୟାତ ଅଟେ, ସରବ ରାଇଜେ ଖ୍ୟାତ ଅଟେ ।

ଗାନ୍ଧୀ ମହାତ୍ମା ଅହିଂସା ମଜା ।

ଗୀତ ଦୁଇଟି ଏତେ ସୁନ୍ଦର ଭାବରେ ଗାୟନ କରାଯାଉଥିଲା ଯେ, ଏତେ ବର୍ଷ ପରେ ବି ମୋର ସ୍ମରଣରେ ଅଛି । ଗୀତରେ ମୁଖ୍ୟସ୍ୱର ଥିଲେ ବାହକ ଯିଏକି ମୃଦଙ୍ଗ ମଧ ବଜଉଥିଲେ ଏବଂ ସାଙ୍ଗରେ ଗାଉଥିଲେ ଦୁଇଜଣ ପାଲିଆ ବା ବାୟାମନ ।

ଲୋକଗୀତରେ ସଂଚାର ଶୁଣିବା ଏହା ମୋର ପ୍ରଥମ ନ ଥିଲା । ସତୁରି ଦଶକରେ ସମ୍ବଲପୁର ସହର ନିକଟସ୍ଥ ଧନୁପାଲି ଠାରେ ପ୍ରତିବର୍ଷ ଚନ୍ଦନ ଯାତ୍ରାର ଆୟୋଜନ କରାହୁଏ । ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରୁ ସଂଚାର ଦଳମାନଙ୍କୁ ନିମନ୍ତ୍ରିତ କରାଯାଏ ଯେଉଁମାନେ ତିନିଚାରି ଦିନ ଧରି ରାତି ସାରା ସଂଚାର ପରିବେଷଣ କରନ୍ତି । ଶେଷ ଦିନରେ ଦଳମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୁଏ । ସେ ସମୟରେ ଲୋକପ୍ରିୟ ସଂଚାର ବାହକମାନେ ଥିଲେ ମନବୋଧ ଭାଟ, ଅଲେଖ ସାହୁ, ବୁଧଭାଟ, ଚନ୍ଦ୍ରମା ଏବଂ ନନ୍ଦଲାଲ ଯେଉଁମାନେ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆସୁଥିଲେ । ଚନ୍ଦ୍ରମା ଏକ ମାତ୍ର ନାରୀ ସଂଚାର ବାହକ ଥିଲେ । ପାଲିଆ ବା ବାୟାମନ ମାନେ ମଧ ଖୁବ୍ ଲୋକପ୍ରିୟ ଥିଲେ ଏବଂ ସଂଚାରକୁ ଆକର୍ଷଣୀୟ କରି ପାରୁଥିଲେ ।

ସଂଚାର ବାହକ ଆରମ୍ଭରୁ କିଛି କ୍ଷଣ ପାଇଁ ଛିଡ଼ା ରହୁଥିଲେ ଏବଂ ମୃଦଙ୍ଗ ବାଦକ ସହ ଶ୍ଳୋକ ପାଠ କରୁଥିଲେ । ତାପରେ ଗାୟନ କରୁଥିଲେ ।

'ଧନତାତ ଧେୟା, ଧନତାତ ଧେୟା ।

ଗୋବିନ୍ଦ ଗୋପାଲ, ଗୋବିନ୍ଦ ଗୋପାଳ ।'

ତାପରେ କାର୍ଯ୍ୟକ୍ରମ ଆରମ୍ଭ ହେବ ଏବଂ ଯାତ୍ରାର ମଧ୍ୟ ସ୍ଥଳୀର ପରିକ୍ରମା ପୂର୍ବକ ବାହକମାନେ ନୃତ୍ୟ କରିବେ ଏବଂ ପଛେ ପଛେ ରହିବେ ପାଲିଆ ବା ବାୟାମନ । ମଝିରେ ମଝିରେ ଟପା ସହିତ ମୃଦଙ୍ଗର ଧ୍ୱନି ଖୁବ୍ ଶ୍ରୁତି ମଧୁର ହେଉଥାଏ । ଉଭୟ ବାହକ ଓ ପାଲିଆମାନେ ଧୋତି କୁର୍ତ୍ତା ପରିଧାନ ପୂର୍ବକ ଅଣ୍ଟାରେ ଗାମୁଛା ବାନ୍ଧିଥିବେ । କିଛି ବାହକ ଲମ୍ବା କୁଞ୍ଚୁ କୁଞ୍ଚିଆ ବାଳ ମଧ ଧାରଣ କରିଥିବେ । ପ୍ରତ୍ୟେକ ସଂଚାର କାର୍ଯ୍ୟକ୍ରମର ବୈଶିଷ୍ଟ୍ୟ ହେଉଥିଲା ।

ଶ୍ଳୋକ ଏବଂ ପରେ ପରେ ମୃଦଙ୍ଗ ବାଦକ, ରାମାୟଣ ମହାଭାରତ କିମ୍ବା ପୁରାଣ ଆଧାରିତ ବିଷୟବସ୍ତୁ । ଖ୍ୟାତନାମା କବିଙ୍କ ରଚିତ ଗୀତ ଓ ଭଜନ, ହାଲୁକା ବ୍ୟଙ୍ଗାତ୍ମକ ଏବଂ ସିନେମା ଧୁନ ଆଧାରି ଗୀତ, ହାସ୍ୟ ବ୍ୟଙ୍ଗ ।

ମୁଖ୍ୟ ବିଷୟବସ୍ତୁ ପରିବେଷଣ ସମୟରେ ହାସ୍ୟ ବ୍ୟଙ୍ଗର ସ୍ଥାନ ନ ଥାଏ । ଏହାର ପରିବେଷଣ ପରେ ଏବଂ ଶେଷ ପର୍ଯ୍ୟାୟରେ ହାସ୍ୟ ବ୍ୟଙ୍ଗ କରିଥାନ୍ତି ଯାହା ଫଳରେ ଦର୍ଶକ ଆମୋଦିତ ହୋଇଥାନ୍ତି । ସଂଚାର କଳାରେ ଉଭୟ ଶାସ୍ତ୍ରୀୟ ଓ ଲୋକନୃତ୍ୟର ସମ୍ମିଶ୍ରଣ ହୋଇଥାଏ ଏବଂ କେବଳ ପଶ୍ଚିମ ଓଡ଼ିଶାରେ ପ୍ରଚଳିତ ଥିବା ଏହା ହେଉଛି ସର୍ବପୁରାତନ ଲୋକନୃତ୍ୟ ପରମ୍ପରା । ଏଥିରେ ଗାୟନ, ବାଦନ ଓ ନର୍ତ୍ତକ ରହିଛି ଏବଂ ପାଙ୍ଗମ ହେବା ପାଇଁ ଜଣେ ସଂଚାର କଳାକାରକୁ ଏ ସମସ୍ତ ବିଦ୍ୟା ଶିଖିବାକୁ ପଡିବ ।

ଏହା ମଧ୍ୟରେ ଅନେକ ବର୍ଷ ବିତି ଯାଇଛି । କିନ୍ତୁ ଧନୁପାଲିର ଚନ୍ଦନ ଯାତ୍ରା ମାନସ ପଟରୁ ଲିଭି ଯାଇ ନାହିଁ । ପ୍ରତିବର୍ଷ ଯେତେବେଳେ ଏହାର ଆୟୋଜନ କରାଯାଏ ଆମେ ପିଲାମାନେ ଅପେକ୍ଷାରତ ହୋଇ ରାତିସାରା ଉଜାଗର ରହି ସଂଚାର ଦେଖୁ । ମଝିରେ କିଛି ବର୍ଷ ଏହି ଯାତ୍ରା ବନ୍ଦ ହେବା ଦୁଃଖ ଦାୟକ ଥିଲା । ନିକଟ ଅତୀତରେ ଏହାର ପୁଣି ଥରେ ଆରମ୍ଭ ହେବା ସଂଚାର ପାଇଁ ଶୁଭଙ୍କର ହେବ ।

ଆକାଶବାଣୀରେ ଯୋଗଦେବା ପର୍ଯ୍ୟନ୍ତ ସଂଚାର ଏବଂ ଲୋକଗୀତରେ ମୋର ଆଗ୍ରହ ବଳବତ୍ତର ଥାଏ । ସ୍ଥାନୀୟ ସଂଚାର ବାହକ ଓ ଚନ୍ଦନ ଯାତ୍ରାର ଆୟୋଜକ ନନ୍ଦଲାଲଙ୍କ ସହିତ ମୋର ଦେଖାହୁଏ । ଆଉ ସଂଚାର ପରିବେଷଣ ନ କରୁଥିଲେ ମଧ ଜଣେ ବାହକର ବେଶଭୁଷା ଓ ପରିପାଟୀ ସେ ଛାଡିନ ଥାନ୍ତି । ମୁଁ ତାଙ୍କୁ ଆକାଶବାଣୀରେ କଣ୍ଠ ପରୀକ୍ଷା ଦେବା ପାଇଁ କହେ ଯାହାଦ୍ୱାରା ସେ ସଂଚାର କଳାକୁ ବଞ୍ଚେଇ ରଖିପାରିବେ । କିନ୍ତୁ ସେ କେବେ ଆସନ୍ତି ନାହିଁ ଏବଂ ପଚାରିଲେ କହନ୍ତି ତାଙ୍କ ଆଉ ଅଭ୍ୟାସ ନାହିଁ । ତାପରେ ତାଙ୍କ ପାଖରେ ପାଲିଆ ମଧ ନାହାଁନ୍ତି । କାହିଁକି, ଏଥିରେ ରୋଜଗାର ନ ଥିବାରୁ କେହି ଆଗଭର ମଧ ହେଉ ନାହାନ୍ତି । ଆଜି ନନ୍ଦଲାଲ ଆମ ଗହଣରେ ନାହାନ୍ତି । କିନ୍ତୁ ସଂଚାର କଳା ପ୍ରତି ତାଙ୍କ ନିଷ୍ଠା ଏବଂ ଧନୁପାଲିରେ ଚନ୍ଦନ ଯାତ୍ରା ଆୟୋଜନରେ ତାଙ୍କ ଆଗ୍ରହକୁ ମୁଁ କେବେ ଭୁଲିପାରିବି ନାହିଁ । ଆଖପାଖ ଓ ଦୂରଦୂରାନ୍ତ ସ୍ଥାନରୁ ଆସୁଥିବା ଅନେକ ସଂଚାର ବାହକ ଓ ପାଲିଆ ମଧ ଆରପାରିକି ଚାଲିଗଲେଣି ।

୧୯୯୩ ମସିହାର କଥା । ସେ ସମୟରେ ବରାହଗୁଡିଆ ନାଁରେ ଲୋକପ୍ରିୟ ବାହକ ମନବୋଧ ଭାଟ ଜୀବିତ ଥାନ୍ତି ଏବଂ ମୁଁ ତାଙ୍କୁ ସ୍ମରଣ କଲି । ମୁଁ ତାଙ୍କୁ ଏବଂ ତାଙ୍କ କଳାକୁ ଏକ ରେଡିଓ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ଚାହୁଁଥିଲି । ସେଥିପାଇଁ ବରଗଡ଼ ସହର ନିକଟସ୍ଥ ତାଙ୍କ ଗ୍ରାମ ବରାହଗୁଡାକୁ ଗଲି, ତାଙ୍କ ଘର ଖୋଜିଲି ଏବଂ ଘର ସାମ୍ନାରେ ଖଟ ପାରି ବସିଥିବା ସମୟରେ ତାଙ୍କ ସାକ୍ଷାତକାର ଗ୍ରହଣ କଲି । ସେ ଖୁବ୍ ବୟସ୍କ ଓ ଦୁର୍ବଳ ଦେଖାଯାଉଥାନ୍ତି । ତଥାପି ଆକାଶବାଣୀ ସହିତ କଥା ହେବା ପାଇଁ ଥିଲା ତାଙ୍କ ଅସୀମ ଆଗ୍ରହ । ସଂଚାର କଳା ଧିରେ ଧିରେ କାହିଁକି ଲୋପ ପାଇଯାଉଛି ବୋଲି ପ୍ରଶ୍ନ କରିବାରୁ ସେ କହିଲେ, ଆମ ସମୟରେ ସକଳ ବାଧାବିଘ୍ନ ସହି ଆମେ କଳାକୁ ବଂଚେଇ ରଖିଲୁ । କିନ୍ତୁ ରୋଜଗାରର ପନ୍ଥା ହୋଇ ପାରୁ ନଥିବାରୁ ବର୍ତ୍ତମାନର ପାଢ଼ି ଆଗ୍ରହ ପ୍ରକାଶ କରୁ ନାହାଁନ୍ତି । ଏହା ସ୍ୱଭାବିକ ମଧ । ଶିଖେଇବା ପାଇଁ ଆମର ଆଗ୍ରହ ଅଛି । କେବଳ ଶିଖିବା ଏତେ ଗୁଡିଏ ମାଧମ ନ ଥିଲା । ଆମେ ଏବେ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡିଛୁ । ମନବୋଧ ଭାଟଙ୍କ ସହିତ କଥା ହେଲା ପରେ ସଂଚାର କଳାର ଅଧୋଗତି ପାଇଁ କେତେଗୁଡିଏ ମୁଖ୍ୟ କାରଣ ଦର୍ଶାଯାଇ ପାରେ ।

ପରମ୍ପରା ଉପରେ ଆଧୁନିକତାର ପ୍ରଭାବ, ରୋଜଗାର ବା ଆୟର ପନ୍ଥା ହୋଇ ପାରୁ ନ ଥିବାରୁ ନୂତନ ପାଢ଼ିର ଏଥି ପ୍ରତି ଅନାଗ୍ରହ । ଆଧୁନିକ ସଂଗୀତ ଓ ଅନ୍ୟାନ୍ୟ ମନୋରଞ୍ଜନ ମାଧ୍ୟମର ପ୍ରଭାବ, ପୃଷ୍ଠପୋଷକତାର ଅଭାବ ।

କେବଳ ସଂଚାର କାହିଁକି ପାଲା ଏବଂ ଦାସକାଠିଆ ଭଳି ଅନ୍ୟାନ୍ୟ ଲୋକ ସଂଗୀତ ପରମ୍ପରା ମଧ ଧିରେ ଧିରେ ଲୁପ୍ତପ୍ରାୟ ହୋଇ ଆସୁଛି । ଆକାଶବାଣୀରେ ବ୍ୟବସ୍ଥା କରାଯାଇଥିବା କଣ୍ଠ ପରୀକ୍ଷା ଲୋକ ସଂଗୀତ କୁ ଆଗେଇ ନେବାରେ ସହାୟକ ହୋଇ ପାରିଛି । ଅଧିକରୁ ଅଧିକ ସଂଚାର, ପାଲା, ଦାସକାଠିଆ ଏବଂ ଅନ୍ୟାନ୍ୟ ଲୋକଗୀତ କଳାକାର ଏହାର ସୁଯୋଗ ନେବା ବିଧେୟକ । ସରକାରୀ ସ୍ତରର ସବୁ ସୁବିଧାସୁଯୋଗ ମଧ ସେମାନେ ନେଇ ପାରିବେ । ଅନ୍ୟାନ୍ୟ ଲୋକଗୀତ ପରମ୍ପରା ଅପେକ୍ଷା ସଂଚାର କଳା ପ୍ରତି ବିପଦର ପରିମାଣ ବେଶୀ କାହିଁକି ଓଡ଼ିଶାର ପଶ୍ଚିମାଞ୍ଚଳର ଏକ ସୀମିତ କ୍ଷେତ୍ରରେ ହିଁ ଏହା ପ୍ରଚଳିତ । ତେଣୁ ଏଥିପାଇଁ ବିଶେଷ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ସଂଚାର କଳାର ପୁନରୁତ୍ଥାନ ଓ ବିକାଶ ପାଇଁ କେତେକ ପଦକ୍ଷେପ ନିଆଯାଇ ପାରେ ।

ସଂଚାର କଳା ସହିତ ସଂପୃକ୍ତ ଥିବା ପରିବାରର ନୂତନ ପାଢ଼ି ଏଥିରେ ଆଗ୍ରହ ପ୍ରକାଶ କରି ଆଂଶିକ ରୋଜଗାରର ପନ୍ଥା ହିସାବରେ ନେଇ ପାରିବେ ।

ବିଭିନ୍ନ ପର୍ବପର୍ବାଣୀ, ଯାତ୍ରା ଓ ସାର୍ବଜନୀନ ପୂଜାର ଆୟୋଜକ ମାନେ ସଂଚାର ଦଳ ମାନଙ୍କୁ ନିମନ୍ତ୍ରଣ କରି ସୁଯୋଗ ଦେଇ ପାରିବେ ।

ସ୍ଥାନୀୟ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ପାଠପଢ଼ା ସହିତ ଲୋକ ସଂଗୀତ ଶିକ୍ଷା କରିବା ପାଇଁ ଉତ୍ସାହିତ କରି ପାରିବେ ।

ଯୋଗ୍ୟ ଯୋଗ୍ୟ କଳାକାର ମାନେ କଳାକାର ଭତ୍ତା ପାଉ ନାହାନ୍ତି ସେମାନଙ୍କୁ ଚିହ୍ନଟ ପୂର୍ବକ ଭତ୍ତା ପ୍ରଦାନ କରାଯାଇ ପାରିବ ।

ଆଉ କ'ଣ ପଦକ୍ଷେପ ନେଲେ ସଚାର ଏବଂ ଅନ୍ୟାନ୍ୟ ଲୋକ କଳାର ବିକାଶ ହୋଇ ପାରିବ ଏ ନେଇ ଏକ ସମୀକ୍ଷାର ଆବଶ୍ୟକତା ରହିଛି । ସାଧାରଣ ଲୋକେ ଆଧୁନିକତା ସହିତ ପରମ୍ପରାରେ ମଧ ଆଗ୍ରହ ପ୍ରଦର୍ଶନ କରି ପାରିବେ ।

ସଂଚାର ଓ ଅନ୍ୟାନ୍ୟ କଳା ପ୍ରତି ପୃଷ୍ଠପୋଷକତାର ଆବଶ୍ୟକତା ରହିଛି । ସଂଚାର ଏବଂ ଅନ୍ୟାନ୍ୟ ଲୋକ ସଂଗୀତ କଳାକୁ ବଞ୍ଚେଇ ରଖିବାର ସମୟ ଆସିଛି । ବିଭିନ୍ନ ସରକାରୀ ଏବଂ ବେସରକାରୀ ଉତ୍ସ ମାନଙ୍କରେ କଳାକାର ମାନଙ୍କ ଯୋଗଦାନ ଆମ ଦେଶର ମହାନ ପରମ୍ପରାକୁ ବଜାୟ ରଖିବାରେ ସହାୟକ ହୋଇ ପାରିବ ।

ଅବସରପ୍ରାପ୍ତ ସହାୟକ ନିର୍ଦ୍ଦେଶକ
ଆକାଶବାଣୀ, ଭତରା,
ଧନୁପାଲି, ସମ୍ବଲପୁର

# ରାମାୟଣ କଥା : ତାଡକାସୁର ବଧ



## ଡ଼ଃ ପ୍ରମୋଦ କୁମାର ପଣ୍ଡା

ଅଯୋଧାର ପ୍ରଜାବତ୍ସଳ ରାଜା ଦଶରଥ ଅତ୍ୟନ୍ତ ବଳଶାଳୀ, ତେଜସ୍ୱୀ, ଉଦାର ଓ ଧର୍ମଜ୍ଞ ଥିଲେ । ଅପୁତ୍ରିକ ହେତୁ ତାଙ୍କର ମନ ଉଦାସ ଥାଏ । କୁଳଗୁରୁ ବଶିଷ୍ଠଙ୍କ ଉପଦେଶାନୁସାରେ ଓ ମନ୍ତ୍ରୀ ସୁମନ୍ତଙ୍କ କଥନାନୁସାରେ ସେ ହିରଣୀ ଗର୍ଭସମ୍ଭୁତ ବିଭାଣ୍ଡକପୁତ୍ର ଶୃଙ୍ଗ ଋଷିଙ୍କ ଦ୍ୱାରା ସରଜୁ ନଦୀର ଉତ୍ତର ଦିଶାରେ ପ୍ରଥମେ ଅଶ୍ୱମେଧ ଓ ତତ୍ପରେ ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ । ଋଷ୍ୟଶୃଙ୍ଗ ନାମରେ ବିଦିତ ଋଷି ଶୃଙ୍ଗ ରାଜା ଦଶରଥ ଓ କୌଶଲ୍ୟାଙ୍କ ଜନ୍ମିତା କନ୍ୟା ଶାନ୍ତାଙ୍କ ପତି ଥିଲେ । ଦଶରଥଙ୍କ ଅନ୍ତରଙ୍ଗ ବନ୍ଧୁ ଅଙ୍ଗ ନରେଶ ଲୋମପାଦ ନିଃସନ୍ତାନ ଥିଲେ । ତେଣୁ ସେ ନିଜ ଝିଅ ଶାନ୍ତାକୁ ତାଙ୍କୁ ଦେଇଥିଲେ । ଇନ୍ଦ୍ରଦେବଙ୍କ ଅଭିଶାପ ଯୋଗୁଁ ଅଙ୍ଗ ରାଜ୍ୟରେ ଅନାବୃଷ୍ଟି ହେଲା । ରାଜା ଲୋମପାଦ ନିଜ ରାଜ୍ୟର କିଛି ବେଶ୍ୟାଙ୍କ ସହାୟତାରେ ଶୃଙ୍ଗ ଋଷିଙ୍କୁ ନିଜ ରାଜ୍ୟକୁ ଆଣିବାକୁ ସକ୍ଷମ ହେଲେ । ଋଷି ଶୃଙ୍ଗ ଅଙ୍ଗ ରାଜ୍ୟରେ ପ୍ରବେଶ କରନ୍ତେ ତତ୍କାଳ ବର୍ଷା ହେଲା । ଉଗ୍ରକୋପି ବିଭାଣ୍ଡକ ଋଷିଙ୍କ ଭୟରୁ ବର୍ତ୍ତିବା ପାଇଁ ମହାରାଜ ଲୋମପାଦ ନିଜର ପାଳିତା କନ୍ୟା ଶାନ୍ତାର ବିବାହ ଋଷି ଶୃଙ୍ଗଙ୍କ ସହ କଲେ । ଅଙ୍ଗ ରାଜ୍ୟର ଶାସନ ଭାର ତାଙ୍କ ହାତରେ ସମର୍ପି ବିଭାଣ୍ଡକ ଋଷିଙ୍କ କୋପରୁ ନିଜକୁ ରକ୍ଷା କଲେ ।

ପୁତ୍ର କାମେଷ୍ଟି ଯଜ୍ଞକୁଣ୍ଡରୁ ପ୍ରଜାପତିଙ୍କ ନିର୍ଦ୍ଦେଶାନୁସାରେ ଏକ ଦିବ୍ୟ ପୁରୁଷ ପ୍ରକଟ ହୋଇ ରାଜା ଦଶରଥଙ୍କୁ ତାଙ୍କ ତିନି ରାଣୀଙ୍କ ପାଇଁ କ୍ଷୀର ପ୍ରଦାନ କଲେ । ଦିବ୍ୟ କ୍ଷୀର ପାନ କରି ତିନି ରାଣୀ ଗର୍ଭବତୀ ହେଲେ । ସମୟ ଉପସ୍ଥିତ ହୁଅନ୍ତେ କୌଶଲ୍ୟାଙ୍କ ଗର୍ଭରୁ ରାମ କୈକେୟୀଙ୍କ ଗର୍ଭରୁ ଭରତ ଏବଂ କନିଷ୍ଠା ରାଣୀ ସୁମିତ୍ରାଙ୍କ ଗର୍ଭରୁ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ । ପରମପିତା ବ୍ରହ୍ମା ଏବଂ ସମସ୍ତ ଦେବତାଙ୍କ ଯାଚନାନୁସାରେ ଭଗବାନ ବିଷ୍ଣୁ ରାକ୍ଷସ କୁଳର ବିନାଶ ପାଇଁ ମାଁ ଲକ୍ଷ୍ମୀ, ଶେଷନାଗ, ଶଙ୍ଖ ଏବଂ ଚକ୍ର ସହିତ ଧରା ପୃଷ୍ଠରେ ଅବତରିତ ହେଲେ ବୋଲି ଶାସ୍ତ୍ରରେ ମାନ୍ୟତା ଅଛି ।

ବିଷ୍ଣୁଙ୍କ ଅବତାର କଥା ବ୍ରହ୍ମଦେବଙ୍କୁ ପୂର୍ବରୁ ଗୋଚର ଥିଲା । ପ୍ରଭୁଙ୍କୁ ସହଯୋଗ କରିବା ପାଇଁ ସେ ସମସ୍ତ ଦେବତା ମାନଙ୍କୁ ବାନର ସେନା ସର୍ଜନା ସକାଶେ ଆଦେଶ ଦେଲେ । ଦେବରାଜ ଇନ୍ଦ୍ର ବାଳୀ, ସୂର୍ଯ୍ୟଦେବ ସୁଗ୍ରୀବ, ବୃହସ୍ପତିଦେବ ତାର, ଯକ୍ଷରାଜ କୁବେର ଗନ୍ଧମାର୍ଦ୍ଦନ, ବିଶ୍ୱକର୍ମା ନଳ, ଅଗ୍ନିଦେବ ନୀଳ, ଅଶ୍ୱିନୀ କୁମାର ମୈନ୍ଦ ଓ ଦ୍ୱିବିଦ, ବରୁଣଦେବ ଶୁଶେଷ, ମହାବଳୀ ପର୍ଜନ୍ୟ ଶରଭ ଏବଂ ବାୟୁଦେବ ହନୁମାନଙ୍କୁ ନିଜ ନିଜର ପୁତ୍ର ରୁପେ ଜାତ କଲେ । ଅନ୍ୟ ସମସ୍ତ ଦେବଗଣ ହଜାର ହଜାର ବାନରଙ୍କୁ ଜନ୍ମ ଦେଲେ । ପୂର୍ବରୁ ବ୍ରହ୍ମାଙ୍କ ମୁହଁରୁ ଜାମ୍ବବାନ ପ୍ରକଟ ହୋଇ ସାରିଥିଲେ । ଦେବୋକୁଳୋତ୍ପତ୍ତି ବାନର ସେନା ସମଗ୍ର ଭୂମଣ୍ଡଳର ବଣଜଙ୍ଗଲରେ ରହିଲେ । ହେଲେ, କିଷ୍କିନ୍ଧ୍ୟା ନରେଶ ମହାବଳଶାଳୀ ବାଳୀ ଓ ତାର ଅନୁଜ ସୁଗ୍ରୀବଙ୍କ ସେବାରେ ଉପସ୍ଥିତ ରହୁଥିଲେ ।

ସମୟ ଅତିକ୍ରାନ୍ତ ହୁଅନ୍ତେ ଚାରି ରାଜକୁମାର ରାମ, ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ ଅଯୋଧାରେ ଚନ୍ଦ୍ରକଳା ଭଳି ବଢ଼ିବାକୁ ଲାଗିଲେ । ମହର୍ଷି ବଶିଷ୍ଠ ତାଙ୍କର ଜାତକର୍ମାଦି ବିଭିନ୍ନ ସଂସ୍କାର ସହିତ ଧନୁର୍ବିଦ୍ୟା ଓ ବେଦଶିକ୍ଷା ଦେଲେ । ବେଦାଧ୍ୟୟନ ଏବଂ ଧନୁର୍ବିଦ୍ୟାଭ୍ୟାସ ସମ୍ପୂର୍ଣ୍ଣ ଉପରାନ୍ତେ ରାଜସଭାରେ ତାଙ୍କର ବିବାହ ପାଇଁ ବିଚାର ବିମର୍ଶ ଚାଲିଥିବା ସମୟରେ ଋଷି ବିଶ୍ୱାମିତ୍ର ଅଯୋଧା ପହଂଚିଲେ । ରାଜା ଦଶରଥ ତାଙ୍କୁ ଯଥାମାନ୍ୟ ସ୍ୱାଗତ ଜଣାଇ ଉଚ୍ଚାସନରେ ବସେଇଲେ । ନିଜ ପକ୍ଷରୁ ସ୍ୱତଃ ଋଷିଙ୍କ ଆଗମନାଭିଳାଷା ପୂରଣ କରିବାର ବଚନ ପ୍ରଦାନ କଲେ । ଋଷି ତାଙ୍କ ଆଗମନୋଦ୍ଦେଶ୍ୟ ପ୍ରକଟ କଲେ । ତାଡକା, ମାରିଚ ଏବଂ ସୁବାହୁ ରାକ୍ଷସ ଯଜ୍ଞରେ ସର୍ବଦା ବିଘ୍ନ ସୃଷ୍ଟି କରନ୍ତି । ତାଙ୍କରି ନିପାତ ସକାଶେ ସେ ରାମଙ୍କୁ ନେବା ପାଇଁ ଆସିଛନ୍ତି । ରାଜା ଦଶରଥ ରାମଚନ୍ଦ୍ରଙ୍କୁ ଛାଡିବାକୁ ଅମଙ୍ଗ ହୁଅନ୍ତେ ଋଷିବର କୋପିତ ହେଲେ । ମହର୍ଷି ବଶିଷ୍ଠ ରାଜା ଦଶରଥଙ୍କୁ ବୁଝାଇ କହିଲେ ମହର୍ଷି ବିଶ୍ୱାମିତ୍ର ସ୍ୱୟଂ ଅସୁର ସଂହାର କରିବାକୁ ସମର୍ଥ । ସେ ସଂସାରର ସମସ୍ତ ଅସ୍ତ୍ରଶସ୍ତ୍ରର ଜ୍ଞାନ ରଖନ୍ତି । ତେଣୁ ଚିନ୍ତା କିମ୍ବା ଭୟ କରିବାର କୌଣସି କାରଣ ନାହିଁ ।

ଦକ୍ଷ ପ୍ରଜାପତିଙ୍କ ଦୁଇ ପୁତ୍ରୀ ଜୟା ଓ ସୁପ୍ରଭାଙ୍କ ବିବାହ କୁଶାଶ୍ୱ ସହିତ ହୋଇଥିଲା । ବରପ୍ରାପ୍ତ ଉଭୟ କନ୍ୟା ପ୍ରତ୍ୟେକେ ପଚାଶ ଜଣ ଲେଖାଏଁ ଅତ୍ୟନ୍ତ ଶକ୍ତିଶାଳୀ ଓ ରୂପ ରହିତ ପୁତ୍ର ଜନ୍ମ କରିଥିଲେ । ବିଶ୍ୱାମିତ୍ର ରାଜା ଥିବାବେଳେ କୁଶାଶ୍ୱ ତାଙ୍କର ସମସ୍ତ ପୁତ୍ର ବିଶ୍ୱାମିତ୍ରଙ୍କୁ ସମର୍ପଣ କରିଥିଲେ । ସେମାନେ ସମସ୍ତେ ରାକ୍ଷସକୁଳ ନିପାତ ପାଇଁ ଅପ୍ରକଟ ଅବସ୍ଥାରେ ବିଦ୍ୟମାନ । ଅନୁପ୍ରତିତ ଅସ୍ତ୍ରଶସ୍ତ୍ରର ଉତ୍ପତ୍ତି ଜ୍ଞାନ ମଧ ମହର୍ଷି ବିଶ୍ୱାମିତ୍ର ରଖନ୍ତି । ତାଙ୍କ ପାଖରେ ଆପଣଙ୍କ ପୁତ୍ର ସମ୍ପୂର୍ଣ୍ଣ ସୁରକ୍ଷିତ । ତେଣୁ ରାମଚନ୍ଦ୍ରଙ୍କୁ ତାଙ୍କ ସାଙ୍ଗରେ ଯିବାକୁ ଅନୁମତି ଦେଇ ନିଜର ବଚନ ରକ୍ଷା କରନ୍ତୁ । ଗୁରୁ ବଶିଷ୍ଠଙ୍କ ଅଭୟ ବାଣୀ ଶୁଣି ବିନା ଦ୍ୱିଧାରେ ଦଶରଥ ରାମଚନ୍ଦ୍ରଙ୍କୁ ମହର୍ଷି ବିଶ୍ୱାମିତ୍ରଙ୍କ ସହିତ ଯିବାପାଇଁ ଆଜ୍ଞା ଦେଲେ । ବଡଭାଇ ରାମଚନ୍ଦ୍ରଙ୍କ ସହିତ ଅନୁଜ ଲକ୍ଷ୍ମଣ ମଧ ପ୍ରସ୍ଥାନ କଲେ ।

ସରଜୁ ନଦୀ ଜଳରେ ଆଚମନ ଉପରାନ୍ତେ ମହର୍ଷି ବିଶ୍ୱାମିତ୍ର ରାମ ଏବଂ ଲକ୍ଷ୍ମଣଙ୍କୁ ବଳା ଓ ଅତିବଳା ମନ୍ତ୍ର ଶିକ୍ଷା ଦେଲେ । ଏହି ମନ୍ତ୍ରର ପ୍ରଭାବ କ୍ଲାନ୍ତି, ଜ୍ୱରାଦି ରୋଗ, ଭୋକଶୋଷାଦି କଷ୍ଟ କିମ୍ବା ଶୟନାବସ୍ଥାରେ ରାକ୍ଷସାକ୍ରମଣର ଆଶଙ୍କା ପ୍ରତିହତ କରେ । ବଳା ଓ ଅତିବଳା ମନ୍ତ୍ରର ଅଭ୍ୟାସ କଲେ ତିନି ଲୋକରେ କେହି ତୁମର ସମକକ୍ଷ ହୋଇପାରିବେ ନାହିଁ । ଜ୍ଞାନ ଓ ବୁଦ୍ଧି ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ଦେବାରେ ତୁମକୁ କେହି ବଳି ପାରିବେ ନାହିଁ । ବଳା ଓ ଅତିବଳା ପରଂପିତା ବ୍ରହ୍ମାଙ୍କର ପୁତ୍ରୀ ଏବଂ ସମସ୍ତ ଜ୍ଞାନର ଜନନୀ । ମନ୍ତ୍ର ଶିକ୍ଷା ଓ ଆଳାପ ଆଲୋଚନା କରୁ କରୁ ସନ୍ଧ୍ୟା ଆଗତ ହୁଅନ୍ତେ ତିନିହେଁ ସରଜୁ ନଦୀ ତଟରେ ପତ୍ର ଶଯ୍ୟା କରି ରାତ୍ରିଯାପନ କଲେ ।

ପରଦିନ ସକାଳୁ ନିତ୍ୟକର୍ମାଦି ସମାପନ ପରେ ପୁନଃ ଯାତ୍ରାରମ୍ଭ ହେଲା । ସନ୍ଧ୍ୟାରେ ସରଜୁ ଓ ଗଙ୍ଗା ନଦୀର ସଙ୍ଗମ ସ୍ଥଳରେ ପହଂଚି ଜନୈକ ମହର୍ଷିଙ୍କ ଆଶ୍ରମ ଯେଉଁଠି ପୂର୍ବ କାଳରେ ଭଗବାନ ଶିବ ତପସ୍ୟା କରିଥିଲେ ସେଠି ବିଶ୍ରାମ ନେଲେ । ପରଦିନ ସକାଳୁ ନୌକା ସାହାଯ୍ୟରେ ସଙ୍ଗମସ୍ଥଳ ପାରିହୋଇ ଆରପଟରେ ପହଁଚିଲେ । ସେପଟଟି ଥିଲା ଘୋର ଅରଣ୍ୟ । ଭୟଙ୍କର ଜଙ୍ଗଲ । ମହର୍ଷି ବିଶ୍ୱାମିତ୍ର ପ୍ରୋକ୍ତ ଅରଣ୍ୟର ଅତୀତ ବର୍ଣ୍ଣନା କରି କହିଲେ ପୂର୍ବ କାଳରେ ଏଠି ଦେବତାଙ୍କ ପ୍ରଯତ୍ନରେ ନିର୍ମିତ ମଳଦ ଓ କରୁସ ନାମକ ଦୁଇଟି ସମୃଦ୍ଧଶାଳୀ ଜନପଦ ଥିଲା । ହଜାରେ ହାତୀର ବଳ ଓ ଇଚ୍ଛାନୁସାରେ ରୂପ ଧାରଣ କରିପାରୁଥିବା ଯକ୍ଷିଣୀ ତାଡକା, ତାର ପତି ସୁନ୍ଦ ଓ ପୁତ୍ର ମାରିଚର ଉତ୍ପୀଡ଼ନରେ ଉଭୟ ଜନପଦ ବିନାଶକୁ ପ୍ରାପ୍ତ ହେଲା । ଏବେ ଜନପଦଦ୍ୱୟର ଏତାଦୃଶାବସ୍ଥା । ତାଡକା ଏକ ନାରୀ । ତା ପାଖରେ ହଜାରେ ହାତୀର ବଳ କେଉଁଠୁ ଓ କିମିତି ଆସିଲା ବୋଲି ରାମଚନ୍ଦ୍ର ପଚାରନ୍ତେ ମହର୍ଷି ବିଶ୍ୱାମିତ୍ର କହିଲେ ଅଗସ୍ତ୍ୟ ମୁନିଙ୍କ ଅଭିଶାପ ଯୋଗୁଁ ତାଡକାର ପତି ଜମ୍ଭପୁତ୍ର ସୁନ୍ଦ ମୃତ୍ୟୁ ବରଣ କରିଥିଲା । ସ୍ୱାମୀ ମୃତ୍ୟୁରେ ମ୍ରିୟମାଣ ତାଡକା ଓ ପୁତ୍ର ମାରିଚ ମୁନି ଅଗସ୍ତ୍ୟଙ୍କୁ ମାରିବାକୁ ଉଦ୍ୟତ ହୁଅନ୍ତେ ମୁନି ଅଗସ୍ତ୍ୟ ମାରିଚକୁ ଦେବଯୋନି ଛାଡି ଅସୁର ଭାବକୁ ପ୍ରାପ୍ତ ଏବଂ ତାଡକାକୁ ବିକରାଳରୂପୀ ନରଭକ୍ଷୀ ରାକ୍ଷସୀ ହେବାର ଅଭିଶାପ ଦେଲେ । ପିଶାଚୀ ତାଡକାର ବଧ କରିବାକୁ ତୁମ ଅତିରିକ୍ତ ଅନ୍ୟ କେହି ତିନି ଲୋକରେ ସକ୍ଷମ ନୁହନ୍ତି ବୋଲି ମହର୍ଷି କହିଲେ । ଏହା ଶୁଣି ରାମଚନ୍ଦ୍ର ତାଙ୍କ ଧନୁରେ ପ୍ରତ୍ୟଞ୍ଚା ଚଢ଼ାଇଲେ । ପ୍ରତ୍ୟଞ୍ଚା ଟଙ୍କାରରେ ବ୍ୟତିବ୍ୟସ୍ତ ତାଡକା ବଡ ବଡ ପଥର ବର୍ଷା କଲା । ରାମଚନ୍ଦ୍ର ନିଜ ବାଣରେ ଏହାର ପ୍ରତିରୋଧ କରି ତାଡକାସୁରର ଦୁଇ ବାହୁ ଛେଦନ କଲେ । ପରାକ୍ରମୀ ଲକ୍ଷ୍ମଣ ତାର ନାକ ଓ କାନ କାଟିଲେ । ତାଡ଼କା ଅଦୃଶ୍ୟ ହୋଇ ମାୟାଯୁଦ୍ଧାରମ୍ଭ କରନ୍ତେ ରାମଚନ୍ଦ୍ର ନିଜେ ଦିବ୍ୟାସ୍ତ୍ର ପ୍ରୟୋଗ କରି ତାର ବଧ କଲେ ।

ସନ୍ଧ୍ୟା ଉପନୀତ ହୁଅନ୍ତେ ସେହି ଅଗନାଅଗନି ବନସ୍ତରେ ସମସ୍ତେ ରାତ୍ରିଯାପନ କଲେ । ପରଦିନ ସକାଳୁ ନିତ୍ୟକର୍ମ ସାରି ମହର୍ଷି ବିଶ୍ୱାମିତ୍ର ରାମଚନ୍ଦ୍ରଙ୍କୁ ଅସ୍ତ୍ରଶସ୍ତ୍ରର ଉପଦେଶ ଦେଲେ । ସମସ୍ତ ଅସ୍ତ୍ରଶସ୍ତ୍ର ସଂଗ୍ରହ ପାଇଁ ଜପ କଲେ । ପ୍ରଜାପତି କୁଶାଶ୍ୱଙ୍କ ସମସ୍ତ ପୁତ୍ର ଅସ୍ତ୍ରଶସ୍ତ୍ର ରୂପେ ପ୍ରକଟ ହେଲେ । ଦେବଗଣଙ୍କ ଅନୁରୋଧକ୍ରମେ ମହର୍ଷି ତାଙ୍କୁ ରାମମଚନ୍ଦ୍ରଙ୍କୁ ସମର୍ପଣ କଲେ । ଶ୍ରଦ୍ଧାର ସହିତ ରାମଚନ୍ଦ୍ର ସେମାନଙ୍କୁ ତାଙ୍କ ମନରେ ନିବାସ କରିବାକୁ ଅନୁରୋଧ କଲେ ।

ପୁଣି ଯାତ୍ରାରମ୍ଭ ହେଲା । କିଛି ସମୟ ଅନ୍ତେ ସମସ୍ତେ ମହର୍ଷି ବିଶ୍ୱାମିତ୍ରଙ୍କ ବନ୍ଦନୀୟ ଓ ରୋମାଞ୍ଚକର ଆଶ୍ରମରେ ଉପନୀତ ହେଲେ । ପୂର୍ବକାଳରେ ଭଗବାନ ବିଷ୍ଣୁ ଏହି ଆଶ୍ରମରେ ଶହେ ବର୍ଷ ତପସ୍ୟା କରି ନିବାସ କରୁଥିଲେ । ଏଠି ସେ ବାମନାବତାର ନେବାର ନିଶ୍ଚୟ କରିଥିଲେ । ଭଗବାନ ବିଷ୍ଣୁ ତପସ୍ୟାରତ ଥିବାବେଳେ ବିରୋଚନ କୁମାର ବଳୀ ଦେବତାଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କର ରାଜ୍ୟ ନିଜର କରି ନେଇଥିଲା । ଅଗ୍ନିଦେବ ଏଠି ଭଗବାନ ବିଷ୍ଣୁଙ୍କୁ ଦେବତାଙ୍କ ପରାଜୟର ସୂଚନା ଦେଇଥିଲେ । ତପସ୍ୟା ଜାରୀ ରଖି ବଳୀର ବିନାଶ କଥା ଚିନ୍ତା କରୁଥିବା ସମୟରେ ଏକ ହଜାର ବର୍ଷ ତପସ୍ୟା ସମାପ୍ତ କରି ମହର୍ଷି କଶ୍ୟପ ଓ ତାଙ୍କ ପତ୍ନୀ ଅଦିତି ପହଁଚିଲେ । ଭଗବାନ ବିଷ୍ଣୁଙ୍କୁ ସ୍ତୁତି କରି ପ୍ରସନ୍ନ କଲେ । ତାଙ୍କୁ ନିଜର ପୁତ୍ର ରୁପେ ପାଇବାକୁ ଯାଚନା କଲେ । ଇନ୍ଦ୍ରଦେବଙ୍କର କନିଷ୍ଠ ଭ୍ରାତା ରୁପେ ଜନ୍ମଗ୍ରହଣ କରିବାକୁ ପ୍ରାର୍ଥନା କଲେ । ଦେବତାମାନଙ୍କ ସହାୟତା ପାଇଁ ନିବେଦନ କଲେ । ସେମାନଙ୍କ ଶୋକର ଅନ୍ତ ପାଇଁ ସାହାଯ୍ୟ ଲୋଡିଲେ ।

ଅଦିତିଙ୍କ ଗର୍ଭରୁ ଜନ୍ମ ହୋଇ ଭଗବାନ ବିଷ୍ଣୁ ବାମନାବତାର ଧାରଣ କଲେ । ମହାପରାକ୍ରମୀ ବଳୀର ଯଜ୍ଞ ବେଳାରେ ବ୍ରାହ୍ମଣ ବେଶରେ ଉପନୀତ ହୋଇ ତିନି ପାଦ ଭୂମି ଦାନ ମାଗିଲେ । ଦୁଇ ପାଦରେ ପୃଥିବୀ, ଆକାଶ ଏବଂ ପାତାଳ ଅଧିକାର କରିନେଲେ । ନାଭିଦେଶରୁ ତୃତୀୟ ପାଦ କାଢି କୋଉଠି ରଖିବି ବୋଲି ପ୍ରଶ୍ନ କରନ୍ତେ ମହାଦାନୀ ବଳୀ ନତମସ୍ତକ ହୋଇ ତା ମୁଣ୍ଡରେ ରଖିବାକୁ ଅନୁରୋଧ କଲା । ବାମନାବତାର ଭଗବାନ ବିଷ୍ଣୁ ବଳୀ ମୁଣ୍ଡରେ ତୃତୀୟ ପାଦ ରଖିଲେ । ତାକୁ ସଂହାର କରି ତିନି ଲୋକ ଇନ୍ଦ୍ରଦେବଙ୍କୁ ଫେରସ୍ତ କଲେ । ବିଷ୍ଣୁଙ୍କ କୃପାରୁ ଏହି ଆଶ୍ରମ ସିଦ୍ଧାଶ୍ରମ ନାମରେ ବିଖ୍ୟାତ ହେଲା । ପ୍ରଭୁ ବାମନ ମୋର ପୂଜ୍ୟ । ତେଣୁ ମୁଁ ଏହି ଆଶ୍ରମକୁ ନିଜର ଉପଯୋଗରେ ଲଗାଉଛି ବୋଲି ମହର୍ଷି ବିଶ୍ୱାମିତ୍ର ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ବୁଝାଇ କହିଲେ ।

କିଛିଦିନ ଅନ୍ତେ ମହର୍ଷି ବିଶ୍ୱାମିତ୍ର ଯଜ୍ଞର ଆୟୋଜନ କଲେ । ଯଜ୍ଞଦୀକ୍ଷା ପରେ ଛଅ ଦିନ ପର୍ଯ୍ୟନ୍ତ ମୌନ ଯଜ୍ଞ ହେଲା । ଷଷ୍ଠ ଦିନ ହାଠାତ ଯଜ୍ଞ ବେଦୀ ସ୍ୱୟଂ ପ୍ରଜ୍ୱଳିତ ହେବାକୁ ଲାଗିଲା । ଜାଗ୍ରତ ପ୍ରହରୀ ସଦୃଶ ଯଜ୍ଞ ରକ୍ଷା କରୁଥିବା ରାମ ଏବଂ ଲକ୍ଷ୍ମଣ ଅସୁରର ଉପସ୍ଥିତି ଅନୁଭବ କଲେ । ମହର୍ଷି ବିଶ୍ୱାମିତ୍ରଙ୍କ ଯଜ୍ଞରେ ବିଘ୍ନ ଘଟାଇବା ସକାଶେ ରାକ୍ଷସ ଆକାଶରୁ ମାୟାରେ ରକ୍ତ ବର୍ଷା କରିବାକୁ ଲାଗିଲେ । ଆକାଶରେ ରାକ୍ଷସଙ୍କୁ ଦେଖି ରାମଚନ୍ଦ୍ର ମାନବାସ୍ତ୍ର ସନ୍ଧାନ କଲେ । ରାକ୍ଷସ ମାରିଚର ଛାତିରେ ଆସ୍ତ୍ରାଘାତ ହେଲା । ସେ ମୂର୍ଚ୍ଛିତାବସ୍ଥାରେ ଶହେ ଯୋଜନ ଦୂରରେ ଫୋଂଫାଡ଼ି ହେଲା । ସମୁଦ୍ର ଜଳରେ ଯାଇ ପଡିଲା । ତତ୍ପରେ ତତକ୍ଷଣାତ ରାମଚନ୍ଦ୍ର ଅଗ୍ନେୟାସ୍ତ୍ର ସନ୍ଧାନ କରି ସୁବାହୁ ଓ ବାୟବ୍ୟାସ୍ତ୍ର ସନ୍ଧାନରେ ଅନ୍ୟ ସମସ୍ତ ନିଶାଚରଙ୍କୁ ନିପାତ କଲେ । ମୁନିଋଷିଙ୍କ ଯଜ୍ଞାଦି କାର୍ଯ୍ୟ ସୁରକ୍ଷିତ ହେଲା । ନିର୍ବିଘ୍ନରେ ମହର୍ଷି ବିଶ୍ୱାମିତ୍ରଙ୍କ ଯଜ୍ଞ ସମ୍ପନ୍ନ ହେଲା । ପରମାନନ୍ଦରେ ସେ ରାମ ଏବଂ ଲକ୍ଷ୍ମଣଙ୍କୁ ଆଶୀର୍ବାଦ ପ୍ରଦାନ କଲେ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ଆଜିର ଚିନ୍ତନ

ଜଣେ ରାଜାଙ୍କର ତିନି ଜଣ ପୁତ୍ର ଥିଲେ । ରାଜା ସେଇ ତିନି ଜଣଙ୍କର ଯୋଗ୍ୟତାକୁ ପରଖି, ସେହି ଆଧାରରେ ନିଜର ଉତ୍ତରାଧିକାରୀ ଚୟନ କରିବାକୁ ଚାହୁଁଥିଲେ । ସେଥିପାଇଁ ରାଜା ଦିନେ ସେମାନଙ୍କୁ ଡାକି କହିଲେ– 'ଯାଅ, ଜଣେ ଧର୍ମାତ୍ମାଙ୍କୁ ଖୋଜିଆଣ ।' ତିନି ରାଜକୁମାର ଧର୍ମାତ୍ମା ଖୋଜିବାରେ ବାହାରି ପଡ଼ିଲେ । କିଛି ଦିନ ପରେ ପ୍ରଥମ ପୁତ୍ର ଜଣେ ଶେଠଙ୍କୁ ଆଣି ରାଜାଙ୍କ ପାଖରେ ହାଜର କରାଇଲା ଓ କହିଲା– 'ପିତାଜୀ ! ଏଇ ଶେଠଜୀ ନଗରରେ ଅନେକ ଧର୍ମଶାଳା ଓ ମନ୍ଦିରର ନିର୍ମାଣ କରାଇଛନ୍ତି ।' ରାଜା ଶେଠଙ୍କୁ ଏପରି କରିବାର କାରଣ ପଚାରିବାରୁ ଶେଠ କହିଲେ– 'ମୁଁ ଶୁଣିଛି ଯେ ଏମିତି କଲେ ପୁଣ୍ୟ ମିଳେ ।'' ରାଜା ତାଙ୍କର ସତ୍କାର କଲେ ଓ ତାଙ୍କୁ ଧନ ଦେଇ ବିଦା କରିଦେଲେ । ଦ୍ୱିତୀୟ ରାଜକୁମାର ଜଣେ ବ୍ରାହ୍ମଣଙ୍କୁ ଆଣି ଆସିଲା ଓ ତାଙ୍କର ପରିଚୟ ଦେଇ ରାଜାଙ୍କୁ କହିଲା– 'ଇଏ ଅତ୍ୟନ୍ତ ଜ୍ଞାନୀ ଓ ତପସ୍ୱୀ । ରାଜା ତାଙ୍କୁ ଧର୍ମର ପରିଭାଷା ପଚାରିବାରୁ ସେ କହିଲେ– ''ଶାସ୍ତ୍ରୋକ୍ତ କର୍ମ କରିବା ଦ୍ୱାରା ସ୍ୱର୍ଗ ପ୍ରାପ୍ତି ହୋଇଥାଏ, ସେହି ପଥର ପାଳନ ଧର୍ମ ଅଟେ ।'' ରାଜା ତାଙ୍କୁ ମଧ ସମ୍ମାନପୂର୍ବକ ଦକ୍ଷିଣା ଦେଇ ବିଦା କଲେ ।

ତୃତୀୟ ପୁତ୍ର ଜଣେ ଗରିବ ଲୋକକୁ ଧରି ପହଞ୍ଚିଲା । ରାଜା ପଚାରିବାରୁ ସେ କହିଲା- 'ପିତାଜୀ ! ଏଇ ଲୋକ କେତେ ଦିନ ଧରି ଗୋଟିଏ ଆହତ ଗାଈର ସେବା କରୁଥିଲେ । ମୁଁ ଭାବିଲି ଏଇ ବ୍ୟକ୍ତିଙ୍କ ଭିତରେ ପ୍ରକୃତ ଧର୍ମାତ୍ମାର ଭାବ ରହିଛି ।'' ରାଜା ସେଇ ଲୋକକୁ ପଚାରିଲେ– 'ତୁମେ କ'ଣ ଧର୍ମ-କର୍ମର କୌଣସି କାର୍ଯ୍ୟ କରୁଛ ?'' ଲୋକଟି କହିଲା- '''ମହାରାଜ ! ମୁଁ ଜଣେ ଗରିବ କୃଷକ, ଅଶିକ୍ଷିତ, ଧର୍ମ-କର୍ମ କିଛି ଜାଣି ନାହିଁ । ହଁ, ଯଦି କୌଣସି ଅଭାବୀ, ରୋଗୀ, ଦୁଃଖୀ, କିଛି ଆବଶ୍ୟକତା ଥିବା କୌଣସି ବ୍ୟକ୍ତି ଦେଖାଯାନ୍ତି ତ ତାଙ୍କର ସାହାଯ୍ୟ ଅବଶ୍ୟ କରିଥାଏ ।'' ଏହା ଶୁଣି ରାଜା କହିଲେ– 'କିଛି ପାଇବାର ଆଶା ନ ରଖି ଅନ୍ୟମାନଙ୍କ ସେବା କରିବା ହିଁ ଧର୍ମ । ତୁମେ ହିଁ ଜଣେ ପ୍ରକୃତ ଧର୍ମାତ୍ମାଙ୍କୁ ଆଣି ପାରିଛ ।'' ସେହି ପୁତ୍ର ରାଜଗାଦିର ଅଧିକାରୀ ହେଲା ।

ବର୍ଷ ୨୮, ସଂଖ୍ୟା - ୩୯, ୨୯ ସେପ୍ଟେମ୍ବର - ୫ ଅକ୍ଟୋବର ୨୦୨୪

## ନଦୀର ଅପମୃତ୍ୟୁ ନ ହେଉ


ଜଳବାୟୁ ପରିବର୍ତ୍ତନ ସହ ବିକାଶ ନାମରେ ପ୍ରକୃତି ବିରୋଧୀ ପ୍ରକଳ୍ପଗୁଡ଼ିକ ଜରିଆରେ ଅନେକ ନଦୀର ପ୍ରାଣହାନି କରାଯାଉଛି । ଦେଶର ଗଙ୍ଗାଠାରୁ ଆରମ୍ଭ କରି ନର୍ମଦା ପରି ଅନେକ ହିମାଳୟ ପଶ୍ଚିମଘାଟ ଓ ପୂର୍ବଘାଟ ପର୍ବତ ମାଳାରୁ ମହାନଦୀ ପରି ଜନ୍ମିତ ଅନେକ ନଦୀର ପ୍ରାକୃତିକ ଅବିରଳ ଓ ନିର୍ମଳ ଜଳଧାରା ପ୍ରବାହରେ ସଙ୍କଟ ସୃଷ୍ଟି ହୋଇଛି । ନଦୀଗୁଡ଼ିକର ମୂଳ ସ୍ରୋତ ଉପରେ ଓ ଉପନଦୀଗୁଡ଼ିକରୁ ଜଳର ବିବିଧ କାରଣ ଓ ଗତି ପରିବର୍ତ୍ତନ ଦ୍ୱାରା ମୂଳ ତଥା ମୁଖ୍ୟ ନଦୀର ସ୍ଥାୟିତ୍ୱ ପ୍ରତି ବିପଦ ଦେଖା ଦେଇଛି ।

ବିଶ୍ୱରେ ବିଭିନ୍ନ ଦେଶର ଅନେକ ପ୍ରମୁଖ ନଦୀକୁ ବିପର୍ଯ୍ୟୟରୁ ବଞ୍ଚାଇବାକୁ ଯାଇ ବହୁ ବଡ଼ ବଡ଼ ନଦୀବନ୍ଧ ତଥା ଜଳଭଣ୍ଡାରଗୁଡ଼ିକୁ ଭାଙ୍ଗି ଦିଆଯାଇଛି । ୧୯୧୨ ରୁ ଏ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକାରେ ୨୧୧୯ଟି ଡ୍ୟାମକୁ ହଟାଇ ଦିଆଯାଇଛି । ସଦ୍ୟ ୨୦୨୩ରେ ୮୦ଟି ଭାଙ୍ଗି ଦିଆଯାଇଛି । ସେଠାରେ ପ୍ରମୁଖ ବଡ଼ ନଦୀ ସଲମନ ଓ କ୍ଲାମାଥ ନଦୀ ଉପରେ ଥିବା ବଡ଼ ଜଳଭଣ୍ଡାରକୁ ହଟାଇ ଦେବା ପରେ ସେହି ନଦୀଗୁଡ଼ିକର ଜଳ ପ୍ରବାହରେ ଉନ୍ନତି ଦେଖାଦେଇଛି । ଯେଉଁ ମାଛ ପ୍ରଜାତିଗୁଡ଼ିକ ହଜି ଯାଇଥିଲେ ସେ ସବୁର ପୁନଃ ଉପସ୍ଥିତି ଆସିଛି । ଅବିରଳ ଧାରା ଓ ଜୈବ ବିବିଧତା ପୁନଃ ଜୀବିତ ହୋଇଛି । ଏହା ଦ୍ୱାରା ନଦୀ ଦୀର୍ଘଜୀବୀ ହେବା ନିଶ୍ଚିତ ହୋଇଛି ଓ ଦୁଇ କୂଳରେ ଥିବା କୃଷି ସମେତ ସମସ୍ତ ଜୀବ ଉପକୃତ ହୋଇଛନ୍ତି ।

ସେହିପରି ୟୁରୋପରେ ମଧ ୪୮୭ଟି ଛୋଟ ବଡ଼ ନଦୀବନ୍ଧକୁ ହଟାଇ ଦିଆଯାଇଛି । କିନ୍ତୁ ଆମ ଦେଶରେ ବଡ଼ ନଦୀ ବନ୍ଧ ନିର୍ମାଣ ମାନସିକତା ଘାରି ରଖିଛି ଯାହାର ପରିବର୍ତ୍ତନର ଆବଶ୍ୟକତା ରହିଛି ।

ମାନବ ସଭ୍ୟତା ଗଢ଼ିବାରେ ନଦୀର ଭୂମିକା ଐତିହାସିକ । ମାନବ ସମେତ ପଶୁ-ପକ୍ଷୀ ତଥା ଜୀବଜଗତ ପାଇଁ ନଦୀ ଜୀବନ ରେଖା । ସେଥିପାଇଁ ନଦୀର ଅମରତ୍ୱ ଅତି ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଆଧୁନିକତାର ଅତ୍ୟଧିକ ମାତ୍ରା ଭୋଗବାଦୀ ଜୀବନ ଶୈଳୀ ପାଇଁ ଅବିଚାରିତ ବିକାଶ ପ୍ରକ୍ରିୟାରେ ନଦୀର ଶରୀର ଓ ଆତ୍ମା ଉପରେ ଅତ୍ୟାଚାର କରି ଚାଲିଛେ ଆମେ । ତେଣୁ ନଦୀକୁ ସୁରକ୍ଷିତ ରଖିବା ପାଇଁ ଉତ୍ତରାଖଣ୍ଡ ହାଇକୋର୍ଟଙ୍କ ରାୟରେ କୁହାଗଲା ନଦୀ ବି ଏକ ଜୀବନ୍ତ ଜୀବ ଯାହାର ବଞ୍ଚିବାର ଅଧିକାର ଅଛି । ବିଶ୍ୱରେ ନଦୀର ଦୀର୍ଘାୟୁ ପାଇଁ ଇକୋଡ଼ର, ଚିଲି, ବଲିଭିଆ, ଅଷ୍ଟ୍ରେଲିଆ ପରି ଦେଶରେ ନଦୀ ସଂରକ୍ଷଣ ଆଇନ ପ୍ରଣୟନ କରାଯାଇଛି । ଆମ ଦେଶରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ତଥ୍ୟ ଅନୁଯାୟୀ ୩୫୧ଟି ନଦୀ ପ୍ରଦୂଷିତ । ସେଥିମଧ୍ୟରୁ ଓଡ଼ିଶାର ମହାନଦୀ-ବ୍ରାହ୍ମଣୀ ଠାରୁ ଆରମ୍ଭ କରି ଦୟା, ଋଷିକୁଲ୍ୟା ପର୍ଯ୍ୟନ୍ତ ୧୯ ଗୋଟି । ଏଥିରୁ ଗଙ୍ଗୁଆ ନଦୀକୁ ନର୍ଦ୍ଦମାନାଳରେ ପରିଣତ କରିଦିଆଗଲାଣି । ଏବେ ନଦୀ ପ୍ରତି ବଡ଼ ବିପଦ ରୂପେ ଠିଆ ହୋଇଛନ୍ତି ନଦୀର ମୂଳସ୍ରୋତକୁ ବନ୍ଧାଇ ବଡ଼ ନଦୀବନ୍ଧ, ନଦୀର ଉତ୍ପତ୍ତି ସ୍ଥଳ ଜଙ୍ଗଲରେ ଖଣି ଖନନ, ନଦୀଶଯ୍ୟାରୁ ପ୍ରଚୁର ବାଲି ଚୋରା ଚାଲାଣ ଓ ଶିଳ୍ପାଞ୍ଚଳର ରାସାୟନିକ ବର୍ଜ୍ୟବସ୍ତୁ । ଗତ ସରକାର ଦ୍ୱାରା ଆମ ରାଜ୍ୟରେ ୨୬ ଗୋଟି ନଦୀ ଓ ଉପନଦୀ ଉପରେ ୨୮ ଗୋଟି ଜଳଭଣ୍ଡାର, ବ୍ୟାରେଜ ନିର୍ମାଣ ପାଇଁ ପ୍ରସ୍ତାବିତ ପ୍ରକଳ୍ପ ମଧ୍ୟରୁ ଋଷିକୁଲ୍ୟା ପିପଲପଙ୍କା ପରି କେତେ ନଦୀର ଏକମାତ୍ର ମୂଳ ଜଳଧାରକୁ ଅଟକାଇ ବଡ଼ ବନ୍ଧ ବାନ୍ଧିବାକୁ ଯୋଜନା ହୋଇଛି । ଏହା ଫଳରେ ବର୍ଷାଦିନ ପରେ ନଦୀରେ ଟୋପାଏ ବି ଜଳ ରହିବ ନାହିଁ । ପ୍ରତ୍ୟେକ ନଦୀ ସ୍ଥାନୀୟ ସମୁଦାୟଙ୍କ ଜୀବନ ରେଖା । ନଦୀର ଜୀବନ ହେଉଛି ଅବିରଳ ନିର୍ମଳ ପ୍ରାକୃତ ଧାର । ଯାହା ପାଇଁ ବାଲି ଶଯ୍ୟାର ଆବଶ୍ୟକତା ରହିଛି । ଯଦି ଅତ୍ୟଧିକ ବାଲି ଚାଲିଯାଏ ତାହା ହେଲେ ଜଳ ଧାରଣ ଶକ୍ତି କମିଯାଏ ଓ ଭୂତଳକୁ ଜଳ ନିର୍ଗତ ହୋଇପାରେ ନାହିଁ । ନଦୀର ଧାରା ସମ୍ପୂର୍ଣ୍ଣ ଶୁଖିଲେ ଜଳ ମୃତନଦୀରେ ପରିଣତ ହୋଇଯାଏ ।

ତେଣୁ ବର୍ତ୍ତମାନର ନୂତନ ସରକାର ଏସବୁ ପ୍ରସ୍ତାବିତ ପ୍ରକଳ୍ପର ସମୀକ୍ଷା କରି ଅନ୍ତତଃ ମୂଳ ସ୍ରୋତକୁ ଅଟକାଉଥିବା ଓ ସମୁଦ୍ର ମୁହାଣରେ ସଙ୍କଟ ସୃଷ୍ଟି କରିବାକୁ ପିପଲପଙ୍କା ପରି ପ୍ରକଳ୍ପଗୁଡ଼ିକୁ ବାତିଲ କରିବା ବିଜ୍ଞତାର ପରିଚୟ ହେବ ଯାହାଦ୍ୱାରା ନଦୀଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ନିଶ୍ଚିତ ହୋଇପାରିବ । ଜଳସେଚନ ପାଇଁ ହେଉ କି କମ୍ପାନୀ-ସହରୀକରଣ ପାଇଁ ହେଉ ନଦୀର ମୂଳ ସ୍ରୋତକୁ ମାରି ଦେଇ ବନ୍ଧୁବାନ୍ଧିବା ସାଧାରଣ ଜନତା ସମେତ ଜୀବଜଗତ ପ୍ରତି ହାନିକାରକ । ନାଗରିକ ରୂପେ ଆମ ସମସ୍ତଙ୍କ କର୍ତ୍ତବ୍ୟ ନଦୀଶଯ୍ୟାକୁ ସଫା ରଖିବା, ନଦୀ ବାଲି ଚୋରିକୁ ଅଟକାଇବା ଓ ନଈର ଦୁଇ କୂଳେ ବନୀକରଣ କରିବା । ସରକାର ଛୋଟ ଛୋଟ ନଦୀଗୁଡ଼ିକୁ ଅବହେଳିତ ଅବସ୍ଥାରୁ ଉଦ୍ଧାର କରିବା ପାଇଁ ଗ୍ରାମ ପଞ୍ଚାୟତ ଜରିଆରେ ନଦୀ ଭିତରେ ବୃଦ୍ଧି ପାଉଥିବା ଗଛଲତାକୁ ହଟାଇବା ସହ ରାସାୟନିକ ପ୍ରଦୂଷଣରୁ ମୁକ୍ତ ରଖିବାକୁ ବ୍ୟାପକ ପଦକ୍ଷେପ ଓ ପ୍ରଦୂଷଣ ନିରୋଧ ଆଇନକୁ କଡ଼ାକଡ଼ି ଲାଗୁ କରିବାକୁ ସ୍ୱତନ୍ତ୍ର ଯୋଜନା କରିବା ଏକାନ୍ତ ଜରୁରୀ ! ଜଳସେଚନ ପାଇଁ ଋଷିକୁଲ୍ୟାର ସମସ୍ତ ଉପନଦୀରେ ନିର୍ମିତ ଜଳଭଣ୍ଡାରଗୁଡ଼ିକରୁ ପଙ୍କ-ମାଟି ବାହାର କରି ଅଧିକ ଜଳ ରଖିବା ପାଇଁ ଯୋଜନା ଏକାନ୍ତ ଜରୁରୀ ଓ ବର୍ଷା ଜଳକୁ ଦୁଇ କୂଳରେ ଥିବା ବଡ଼ ବଡ଼ ପୁଷ୍କରିଣୀ, ତାମ୍ପରାଗୁଡ଼ିକରେ ସାଇତି ରଖିବା ପାଇଁ ବ୍ୟବସ୍ଥା କରାଯାଇ ପାରିବ । ତେଣୁ ସରକାରଙ୍କ ପକ୍ଷରେ ପ୍ରଥମେ ନଦୀର ସୁରକ୍ଷା ଓ ବିକଳ୍ପ ଜଳ ସଂରକ୍ଷଣ ପାଇଁ ଯୋଜନା ଏକାନ୍ତ କାମ୍ୟ । ପ୍ରକଳ୍ପ ନାମରେ ନଦୀକୁ ମାରିଲେ ସଭ୍ୟତା ମରିବ - ମାନବିକତା ପ୍ରତି କୁଠାରାଘାତ ହେବ ।



## ସତ୍ୟାଗ୍ରହର ଶକ୍ତି

**ମହାତ୍ମା ଗାନ୍ଧୀ**

ଏକ ଅନଭିପ୍ରେତ ସମର ଯେପରି ସୈନ୍ୟପାଇଁ ତାଲିମ ପାଇବା ଲାଗି ଏକ ସୁଯୋଗ ଆଣି ଦେଇଥାଏ, ଠିକ୍ ସେହିପରି ଦମନ ମଧ ସତ୍ୟାଗ୍ରହରେ ତାଲିମର ଏକ ସୁଯୋଗ ସୃଷ୍ଟି କରିଥାଏ । ସତ୍ୟାଗ୍ରହୀମାନେ ସେହି ଦମନର କାରଣଗୁଡିକୁ ଅବଶ୍ୟ ଆବିଷ୍କାର କରିବେ । ସେମାନେ ନିଶ୍ଚୟ ଜାଣିବାକୁ ପାଇବେ ଯେ, ଅବଦମିତ ବ୍ୟକ୍ତିମାନେ ଏତେ ଟିକିଏ ବଳ ପ୍ରଦର୍ଶନରେ ମଧ ଭାରି ସହଜରେ ଭୟଭୀତ ହୋଇ ପଡନ୍ତି ଏବଂ କଷ୍ଟସହନ ଅଥବା ଆତ୍ମହତ୍ୟା ନିମନ୍ତେ ଆଦୌ ପ୍ରସ୍ତୁତ ହୋଇ ରହି ନଥାନ୍ତି । ଏହା ହିଁ ସେତେବେଳେ ସତ୍ୟାଗ୍ରହର ପ୍ରଥମ ପାଠଗୁଡିକୁ ପଢ଼ିବାଲାଗି ଏକ ଅବସର ଆଣିଦିଏ । ଯେଉଁମାନେ ଏହି ଅତୁଳନୀୟ ଶକ୍ତି ବିଷୟରେ କିଛିହେଲେ ଜାଣିଛନ୍ତି, ସେମାନେ ନିଜର ପ୍ରତିବେଶୀମାନଙ୍କୁ ଦୁର୍ବଳ ଓ ଅସହାୟ ଭାବରେ ନୁହେଁ, ମାତ୍ର ସାହସର ସହିତ ତଥା ଜାଣି ଜାଣି ଦମନକୁ ସହ୍ୟ କରିବାର ଶିକ୍ଷା ପ୍ରଦାନ କରିବେ । ତଥାପି ସେଗୁଡିକୁ ହିଁ (ପ୍ରସ୍ତୁତି ସମୟର ଆଦୌ କୌଣସି ଚମକ ନ ଥିବା ନିୟମଗୁଡିକ) ସତ୍ୟାଗ୍ରହର ତାଲିମର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଂଶ ବୋଲି ଜାଣିବାକୁ ହେବ ।

ପ୍ରଭୂତ ଅଧ୍ୟବସାୟ ଆବଶ୍ୟକ କରୁଥିବା ସେହି ଅତ୍ୟାବଶ୍ୟକ ସୋପାନଗୁଡିକର ମଧ ଦେଇ ଗତି ନ କଲେ ପ୍ରଭାବସମ୍ପନ୍ନ ଓ ସକ୍ରିୟ ଅହିଂସାର କର୍ଷଣ ଆଦୌ ସମ୍ଭବ ହୁଏ ନାହିଁ ।

ଅସଦ୍ ଭାବନା ରହିଥିବା ପର୍ଯ୍ୟନ୍ତ ସତ୍ୟାଗ୍ରହର ଏକ ସୁନିଶ୍ଚିତ ବିଜୟ କଦାପି ସମ୍ଭବ ହୁଏ ନାହିଁ । ମାତ୍ର ଯେଉଁ ବ୍ୟକ୍ତିମାନେ ଆପଣାକୁ ଦୁର୍ବଳ ବୋଲି ଭାବନ୍ତି, ସେମାନେ କଦାପି ଭଲ ପାଇ ପାରିବେ ନାହିଁ । ତେଣୁ ଚାଲ, ଆମେ ସବୁଦିନ ସକାଳେ ସମସ୍ତ ଦିନଟି ନିମନ୍ତେ ଏହି ଶପଥଟିକୁ ଗ୍ରହଣ କରିବାର ସର୍ବପ୍ରଥମ କାର୍ଯ୍ୟଟିକୁ କରିବା, ପୃଥିବୀରେ ମୁଁ କାହାରିକୁ ଭୟ କରିବି ନାହିଁ । ମୁଁ କେବଳ ପରମେଶ୍ୱରଙ୍କୁ ହିଁ ଭୟ କରିବି । ମୁଁ କାହାରି ପ୍ରତି କୌଣସି ଅସଦ୍‌ଭାବନା ରଖିବି ନାହିଁ । ମୁଁ କାହାରିଠାରୁ ଆଦୌ କୌଣସି ଅନ୍ୟାୟକୁ ସହ୍ୟ କରିବି ନାହିଁ । ମୁଁ ଅସତ୍ୟକୁ ସତ୍ୟଦ୍ୱାରା ଜୟ କରିବି ଏବଂ ଅସତ୍ୟର ପ୍ରତିରୋଧ କରି ସବୁପ୍ରକାର ଦୁଃଖକୁ ସହ୍ୟ କରିବି । ଜଣେ ସତ୍ୟାଗ୍ରହୀ ନିମନ୍ତେ ଆଦୌ କୌଣସି ସମସୟସୀମା ନାହିଁ, ଦୁଃଖ ସହ୍ୟ କରିବାଲାଗି ତା'ର ସାମର୍ଥ୍ୟର କ୍ଷେତ୍ରରେ ମଧ କୌଣସି ସୀମା ନାହିଁ । ତେଣୁ ସତ୍ୟାଗ୍ରହରେ ପରାଜୟ ବୋଲି ଆଦୌ କୌଣସି ବସ୍ତୁ ହିଁ ନାହିଁ । ଜୀବନକୁ କମ୍ ମୂଲ୍ୟ ଦେଉଛି ବୋଲି ଯେ ମୁଁ ସହସ୍ର ସହସ୍ର ବ୍ୟକ୍ତି ସତ୍ୟାଗ୍ରହ ସମରରେ ପ୍ରାଣବଳି ଦିଅନ୍ତୁ ବୋଲି ଆନନ୍ଦର ସହିତ ପ୍ରୋତ୍ସାହିତ କରୁଛି, ସେ କଥା ଆଦୌ ନୁହେଁ, ମାତ୍ର, ଏହାଦ୍ୱାରା ସମଗ୍ରତଃ ସବୁଠାରୁ କମ୍ ପ୍ରାଣହାନି ଘଟିବ ଏବଂ ଆହୁରି ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି, ପ୍ରାଣବଳି ଦେଉଥିବା ବ୍ୟକ୍ତିମାନଙ୍କୁ ମଧ ସମୃଦ୍ଧିମନ୍ତ କରୁଛି ବୋଲି ଜାଣିଥିବାରୁ ହିଁ ମୁଁ ସେହିପରି କହୁଛି । ଥରେ ଗତିଶୀଳ ହୋଇଯିବା ମାତ୍ରକେ, ଯଦି ତାହା ଯଥେଷ୍ଟ ପରିମାଣରେ ବଳଯୁକ୍ତ ହୋଇଥାଏ, ତେବେ ତାହାର ଫଳ ସମଗ୍ର ବିଶ୍ୱକୁ ମଧ ଆନ୍ଦୋଳିତ କରିଦେଇ ପାରିବ । ଏହା ହେଉଛି ସର୍ବବୃହତ୍ ଶକ୍ତି, କାରଣ ଏହା ହେଉଛି ମନୁଷ୍ୟାତ୍ମାର ସର୍ବୋଚ୍ଚ ଅଭିବ୍ୟକ୍ତି । ମୋର ଅଭିଜ୍ଞତା ମୋତେ ଏହି କଥାଟି ଶିଖାଇଛି ଯେ, ନ୍ୟାୟଦ୍ୱାରା ପରିଚାଳିତ ହେଉଥିବା ଯେକୌଣସି ସଂଗ୍ରାମର କ୍ଷେତ୍ରରେ ସର୍ବଦା ପ୍ରଗତିର ଏକ ନିୟମ କାର୍ଯ୍ୟ କରୁଥାଏ । ମାତ୍ର, ସତ୍ୟାଗ୍ରହର କ୍ଷେତ୍ରରେ ସେହି ବିଧାନଟି ଏକ ସ୍ୱତଃସିଦ୍ଧର ପରିମାତ୍ରା ହିଁ ଧାରଣ କରିଥାଏ । ଏକ ସତ୍ୟାଗ୍ରହ ସଂଗ୍ରାମ ଅଗ୍ରଗତି କରୁଥିବା ସମୟରେ, ଆହୁରି ଏକାଧିକ ଉପାଦାନ ତାହାର ଗତି ସ୍ରୋତରେ ସ୍ଫୀତି ଆଣି ଦେବାରେ ସାହାଯ୍ୟ କରେ ଏବଂ ତାହା ଆପଣାର ପରିମାଣଗୁଡିକରେ ମଧ ଏକ ସତତ ଅଭିବୃଦ୍ଧି ପ୍ରଦାନ କରିବାରେ ଲାଗିଥାଏ । ଏହି ପରି ଘଟିବାକୁ ପ୍ରକୃତରେ ଅନିବାର୍ଯ୍ୟ ବୋଲି ହିଁ କୁହାଯିବ, ତାହା ସତ୍ୟାଗ୍ରହର ମୌଳିକ ସିଦ୍ଧାନ୍ତଗୁଡିକ ସହିତ ଜଡିତ ହୋଇ ରହିଥାଏ । କାରଣ, ସତ୍ୟାଗ୍ରହରେ ସର୍ବନିମ୍ନ ସର୍ବାଧିକ ପରି ମଧ କାର୍ଯ୍ୟ କରେ ଏବଂ ତାହା ଏକ ଅପରିବର୍ତ୍ତନୀୟ ସର୍ବନିମ୍ନ ହୋଇଥିବାରୁ ସେହି କ୍ଷେତ୍ରରେ ପଛକୁ ଫେରି ଆସିବାର ଆଦୌ କୌଣସି ପ୍ରଶ୍ନ ନ ଥାଏ ଏବଂ ତେଣୁ କେବଳ ଆଗକୁ ଗୋଡ଼ ପକାଇବା ହିଁ ଏକମାତ୍ର ବିକଳ୍ପ ହୋଇ ରହିଥାଏ । ଅନ୍ୟାନ୍ୟ ସଂଗ୍ରାମଗୁଡିକର କ୍ଷେତ୍ରରେ, ଏପରିକି ସେଗୁଡିକ ନ୍ୟାୟଦ୍ୱାରା ପରିଚାଳିତ ହେଉଥିବା ସମୟରେ ମଧ, ଭବିଷ୍ୟତରେ ହ୍ରାସ ଲାଗି ଏକ ଅବକାଶ ରଖିବାର ଅଭିପ୍ରାୟରେ ଦାବିଟିକୁ ପ୍ରଥମେ କିଞ୍ଚିତ୍ ଅଧିକ ଉଚ୍ଚ କରି ରଖା ଯାଇଥାଏ ଏବଂ ସେହି କାରଣରୁ ସେଗୁଡିକର ପ୍ରତ୍ୟେକର କ୍ଷେତ୍ରରେ ବ୍ୟତିକ୍ରମହୀନଭାବରେ ପ୍ରଗତିର ନିୟମଟି ଆଦୌ ପ୍ରଯୁଜ୍ୟ ହୋଇ ପାରେ ନାହିଁ । ମୋ ଲାଗି ଏହା ହେଉଛି ପୃଥିବୀର ଏକ ଅନ୍ୟତମ କ୍ରିୟାଶୀଳତମ ଶକ୍ତି । ଏହା ହେଉଛି ସେହି ସୂର୍ଯ୍ୟଟି ସଦୃଶ୍ୟ, ଯାହା ଅବିରତ ଭାବରେ ଦିନ ପରେ ଦିନ ଆମ ସମ୍ମୁଖରେ ଉଦିତ ହେବାରେ ଲାଗିଥାଏ । ଆମେ ଯଦି କେବେ ବୁଝିବାକୁ ହିଁ ସମର୍ଥ ହେବା, ତେବେ ଲକ୍ଷ୍ୟ ସୂର୍ଯ୍ୟଙ୍କୁ ଏକତ୍ର ଜମା କଲେ ମଧ ତାହା ଏହାଠାରୁ ଅଧିକ ବୃହତ୍ ବୋଲି ସାବ୍ୟସ୍ତ ହେବ । ତାହା ଜୀବନର ବିକୀରଣ କରେ, ଆଲୋକ, ଶାନ୍ତି ଓ ସୁଖର ବିକୀରଣ କରିବାରେ ଲାଗିଥାଏ ।

## ମା' ଲଙ୍କେଶ୍ୱରୀଙ୍କ ବିଜୟର ପର୍ବ ଖଣ୍ଡାବସା

କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ସହର ବଙ୍ଗଳା ଛକ ନିକଟରେ ଦୀର୍ଘ ଦଶନ୍ଧି ଧରି କୁଳଦେବୀ ଭାବରେ ମା' ଲଙ୍କେଶ୍ୱରୀ ପୂଜା ପାଇ ଆସୁଛନ୍ତି । ପୂର୍ବକାଳରେ ନାଗବଂଶୀୟ ରାଜାମାନେ ପ୍ରତ୍ୟେକ ବର୍ଷ ମା' ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ପର୍ବକୁ ମହାସମାରୋହରେ ପାଳନ କରି ଆସୁଥିଲେ ବୋଲି କୁହାଯାଏ । ସେବେଠାରୁ ଏହି ପରମ୍ପରା ନିରବଚ୍ଛିନ୍ନ ଭାବରେ ଉତ୍ସାହର ସହ ଚାଲିଆସୁଛି । ଅଭୟ ବରଦା, ଚତୁର୍ଭୁଜା, ପଦ୍ମାସୀନା, ମା' ଲଙ୍କେଶ୍ୱରୀ ଶକ୍ତିପୀଠାଧୀଶ୍ୱରୀ ଭାବରେ ପୂଜା ପାଇ ଆସୁଛନ୍ତି । ଆଶ୍ୱିନ ମୂଳାଷ୍ଟମୀ ଦିନ ଦେବୀଙ୍କ ଖଣ୍ଡାବସା ପର୍ବ ଅନୁଷ୍ଠିତ ହୁଏ । କେଉଁ ଆବହମାନ କାଳରୁ ଆମ ଦେଶରେ ଶକ୍ତି ଉପାସନାର ପରମ୍ପରା ପ୍ରଚଳିତ ହୋଇ ଆସୁଛି । ସେଥିପାଇଁ ଶାସ୍ତ୍ର ଓ ପୁରାଣରେ ଅନେକ ବିଧିବିଧାନ ମଧ ରହିଛି । ଦେବୀଙ୍କ ପୂଜା ପୂର୍ବରୁ ତାଙ୍କ ଅସ୍ତ୍ରଶସ୍ତ୍ର ପୂଜା କରିବାର ମଧ ଶାସ୍ତ୍ରୀୟ ନିୟମ ରହିଛି । ଦେବୀଙ୍କ ଖଡ୍ଗ ବା ଖଣ୍ଡା ହେଉଛି ଶକ୍ତି ଓ ସୌର୍ଯ୍ୟର ପ୍ରତୀକ । ସେଥିପାଇଁ ପୂର୍ବରୁ ରାଜାମାନେ ଦେବୀ ଉପାସନା ସହ ଖଣ୍ଡାକୁ ପୂଜା କରିଆସୁଛନ୍ତି । ଏହି ପର୍ବ ପୂର୍ବରୁ ଖଣ୍ଡାକୁ ବାହାରକରି ମାର୍ଜନା କରାଯାଏ ଓ ଶୁଦ୍ଧପୂତ କରି ଅକ୍ଷତ (ଅରୁଆ ଚାଉଳ) ଉପରେ ଥୋଇ ପୂଜାର୍ଚ୍ଚନା କରାଯାଏ । ତା' ପରେ ଏହାକୁ ମା'ଙ୍କ ସିଂହାସନ ପାଖରେ ରଖାଯାଇଥାଏ ।

ଉତ୍ସବର ପୁରୋଧା : କଳାହାଣ୍ଡି ମହାରାଜା ହେଉଛନ୍ତି ଏହି ପର୍ବର ମୁଖ୍ୟ ପୁରୋଧା । ପର୍ବଦିନ ସେ ଭବାନୀପାଟଣା ରାଜବାଟୀରୁ ଜୁନାଗଡ଼ ଆସି ଡାକବଙ୍ଗଳାରେ ସପରିବାର ଉପସ୍ଥିତ ରହନ୍ତି । ତାଙ୍କ ଆଗମନକୁ ସ୍ୱାଗତ ଜଣାଇବା ପାଇଁ ବାଜି ଉଠେ ବୀରବାଦ୍ୟ ଘୁମୁରା । ଲୋକେ ତାଙ୍କୁ ବାଜା ରୋଶଣିରେ ପାଛୋଟି ଆଣନ୍ତି ଡାକ ବଙ୍ଗଳାକୁ । ପୂର୍ବରୁ କଳାହାଣ୍ଡି ମହାରାଜ ଜୁନାଗଡ଼କୁ ଆସିଲେ ଏହି ପୁରାତନ ଡାକବଙ୍ଗଳାରେ ଅବସ୍ଥାନ କରୁଥିଲେ । ସେହି ପରମ୍ପରା ଅନୁସାରେ ଉତ୍ସବ ଦିନ ରାଜ ପରିବାର ଡାକବଙ୍ଗଳାରେ ରହିଥାନ୍ତି । ଲଙ୍କେଶ୍ୱରୀ ମନ୍ଦିର ନିକଟ ବୁଢ଼ାରଜା ମନ୍ଦିରରୁ ସଙ୍ଗୁଆରୀ ଖଣ୍ଡା ଓ ଲଙ୍କେଶ୍ୱରୀ ମନ୍ଦିରରୁ ପାଟଖଣ୍ଡା ଡାକବଙ୍ଗଳା ପରିସରରେ ନିର୍ମିତ ହୋଇଥିବା ଅସ୍ଥାୟୀ କୁଡ଼ିଆକୁ ପୂଜକ ଆଣିବେ । ପରେ ସ୍ୱର୍ଣ୍ଣକାର ଦୁଇଟି ଖଣ୍ଡାକୁ ମାର୍ଜ୍ଜନା କରିବେ । ମାର୍ଜ୍ଜନା ପରେ ବିବିଧ ବାଦ୍ୟ ବାଦିତ ହୋଇ ଏକ ଶୋଭାଯାତ୍ରାରେ ପୂଜାରୀ ଖଣ୍ଡାକୁ ମନ୍ଦିରରେ ପ୍ରବେଶ କରେଇବା ପରେ ରାଜା ମନ୍ଦିରକୁ ଆସନ୍ତି । ସେଠାରେ ଦେବୀଙ୍କର ଖଣ୍ଡାବସା ପୂଜା ନିମିତ୍ତ ଷୋଡ଼ଶ କଳସ ସ୍ଥାପନ ପୂର୍ବକ ପଣ୍ଡିତମାନଙ୍କୁ ଯଥାଯୋଗ୍ୟ ବରଣକରି ପାଟଖଣ୍ଡାକୁ ଦେବୀଙ୍କ ପାର୍ଶ୍ୱରେ ଥିବା ଚାଉଳ ଉପରେ ଉପବେଶନ କରାନ୍ତି । ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୁଏ । ବାମ ଓ ଦକ୍ଷିଣ ପାର୍ଶ୍ୱରେ ସ୍ଥାପନ ପୂର୍ବକ ଶକ୍ତିପୂଜା ଓ ତନ୍ତ୍ରପୂଜା ମାଧମରେ ପୂଜାପାଠ କରନ୍ତି । ପରେ ଅଖଣ୍ଡ ଓ ମହାଯୋଗ ନାମକ ଦୁଇଟି ଦୀପକୁ ପ୍ରଜ୍ଜ୍ୱଳନ କରନ୍ତି । ଲୋହିତ ପାଟବସ୍ତ୍ର ସୁଶୋଭିତା ମନ୍ଦାରମାଳା ବିମଣ୍ଡିତା ଦେବୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରନ୍ତି । ଧୂପଦୀପ, ନୈବେଦ୍ୟ ଅର୍ପଣ ପରେ ଲଙ୍କେଶ୍ୱରୀଙ୍କ ପୂଜକ ପାଟଗଡ଼ରା ନାମକ ପଶୁ (ମେଷ) ଓ ମହାପଶୁ (ପୋଢ଼) ମା'ଙ୍କ ଉଦ୍ଦେଶ୍ୟରେ ବଳି ଦିଅନ୍ତି । ଏହାପରେ ଜନସାଧାରଣ ଆଳତି ଦର୍ଶନ କରନ୍ତି, ପୂଜା ସମାପନ ହୁଏ । ଖଣ୍ଡାବସା ସାରି ମହାରାଜା ଲଙ୍କେଶ୍ୱରୀଙ୍କ ପାର୍ଶ୍ୱଦେବତା ଶ୍ରୀ ଶ୍ରୀ ବୁଢ଼ାରଜା ଲିଙ୍ଗଙ୍କୁ ପୂଜାର୍ଚ୍ଚନା ପାଇଁ ବୁଢ଼ାରଜାଙ୍କ ମନ୍ଦିରକୁ ବିଜେ କରନ୍ତି । ବୁଢ଼ାରଜାଙ୍କ ପୂଜା ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ହୁଏ । ଏଥିପାଇଁ ପୂଜକ, ସୁଆର, ବୋଉଦ, ଫୁଲବାଲା, ବାଜାବାଲା, ଘଣ୍ଟୁଆ, ଶଙ୍ଖୁଆ ବଂଶାନୁକ୍ରମେ ଦେବୀଙ୍କ ସେବା କରି ଆସୁଛନ୍ତି ।

ଖଣ୍ଡାବସା ରାତିରେ ହସିଉଠେ ଜୁନାଗଡ଼ ସହର । ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ଜିଲ୍ଲା ବାହାରୁ ଏପରି କି ରାଜ୍ୟ ବାହାରୁ ବହୁ ଦର୍ଶକ, ଶ୍ରଦ୍ଧାଳୁ ଏହି ପର୍ବ ଦେଖିବାକୁ ଆସିଥାନ୍ତି । ଅତୀତରେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଲୋକଙ୍କର ମଧ ଏହା ପ୍ରିୟ ଉତ୍ସବ ଥିଲା ଓ ପାର୍ବଣ ସମୟରେ ସେଠାରୁ ଅନେକ ବ୍ୟବସାୟୀ ଏଠାକୁ ଆସନ୍ତି । ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ନୃତ୍ୟଗୀତ ପ୍ରତିଯୋଗିତା, ଘୁମୁରା ପ୍ରତିଯୋଗିତା, ଘୋଡ଼ାନାଚ, ଫୁଟବଲ ପ୍ରତିଯୋଗିତା, ନାଟକ, କୀର୍ତ୍ତନ ପରିବେଷଣ ହୋଇଥାଏ ।

## ସ୍ୱର୍ବେଦ

**ମୀନ କଓ୍ୱନ ପରଓ୍ୱାନ ହୈ,**
**ଆପନ ମାରଗ ଜାୟ ।**
**ନିୟତ ଡଗର ଭୂଲେ ନହୀଁ,**
**ଚଲତ ଚଲତ ଘର ଆୟ ॥୨୯॥**


ଭାଷ୍ୟ - ମୀନ କେମିତି ପ୍ରବୀଣ ଅଟେ, ଯିଏ ନିଜ ମାର୍ଗରେ ଚାଲି ନିଶ୍ଚିତ ସ୍ଥାନରେ ପହଞ୍ଚିଯାଏ, ସେ ଜଳରେ କଦାପି ନିଜର ମାର୍ଗ ଭୁଲେ ନାହିଁ । ଠିକ୍ ସେମତି ସହଜ ଯୋଗୀ ସନ୍ଥ ନିଜର ଚେତନ ଶକ୍ତିରେ ପିଣ୍ଡ ବ୍ରହ୍ମାଣ୍ଡର ସମସ୍ତ ପ୍ରଦେଶକୁ ଦେଖିବା ସହିତ ଅକ୍ଷରପାର ଦିବ୍ୟ ଚେତନ ଶବ୍ଦ ମହଲକୁ ପହଞ୍ଚିଯାଏ ।

**ଓ୍ୱିହଙ୍ଗ କଓ୍ୱନ ଓ୍ୱର ଢଙ୍ଗ ହୈ,**
**ଉଡେ ନିରାଲ ଅକାଶ ।**
**ପନ୍ଥ ଗମନ ବାହର ନହୀଁ, ଅନ୍ତର**
**ସହଜ ପ୍ରକାଶ ॥୩୦॥**

ଭାଷ୍ୟ - ଅଲଲ ପକ୍ଷୀର ଉଡ଼ିବା ଢଙ୍ଗ ସର୍ବୋତ୍ତମ ଅଟେ, ଯାହା ଫଳରେ ସେ ନିଜ ମାର୍ଗରେ ବିଶୁଦ୍ଧ ଆକାଶରେ ଉଡ଼ି ପହଞ୍ଚିଯାଏ । ଠିକ୍ ସେହିପରି ବିହଙ୍ଗମ ଯୋଗୀ ସଦ୍‌ଗୁରୁଭେଦ ଦ୍ୱାରା ଅନ୍ତର ସହଜ ପ୍ରକାଶରେ ନିଜ ମାର୍ଗରେ ପହଞ୍ଚିଯାଏ । ସେମାନଙ୍କର ମାର୍ଗ ଭିତରେ ଅଟେ, ବାହାରେ ନୁହେଁ ।

**ଅଲଲ ପକ୍ଷି ମହି ଆୟ କର,**
**କୈସେ ଉଲଟେ ଜାୟ ।**
**ଚଢ଼ତ ଉଠତ ଉଡ଼ତ ଚଲେ,**
**ମାତୁ ପିତା ଘର ପାୟ ॥୩୧॥**

ଭାଷ୍ୟ - ଅଲଲ ପକ୍ଷୀ ଦୂର ଆକାଶରେ ବିଚରଣ କରୁଥାଏ ଏବଂ ମଧ୍ୟାକାଶରେ ଡିମ୍ବ ଦେଇଥାଏ । ତାହାର ଡିମ୍ବ ପୃଥିବୀ ମଣ୍ଡଳ ନିକଟକୁ ଆସିବା ମାତ୍ରେ ଫାଟିଯାଏ । ସେତେବେଳେ ତାକୁ ନିଜ ଘରର ଜ୍ଞାନ ହୁଏ ଆଉ ସେ ପୃଥିବୀ ପୃଷ୍ଠକୁ ନ ଆସି ଓଲଟା ଉଡ଼ି ନିଜର ମାତା ପିତା ପାଖକୁ ପହଞ୍ଚିଯାଏ । ଅବିକଳ ଭାବରେ ଜୀଓ୍ୱାତ୍ମା ନିଜର ଉର୍ଦ୍ଧ୍ୱ




ଚେତନ ପ୍ରଦେଶର ଜ୍ଞାନକରି ସୁରତିର ଡେଣା ଲଗାଇ ଉଡ଼ିଯାଏ ଏବଂ ଶୁଦ୍ଧ ଚିଦାକାଶରେ ପହଞ୍ଚି ପରମାନନ୍ଦକୁ ଲାଭ କରିଥାଏ ।

**ଅନୁଭଓ୍ୱ ଗତି କା ପନ୍ଥ ହୈ,**
**ବୃଝତ ବୃଝତ ବୃଝ ।**
**ସାହେବ ଅନୁଭଓ୍ୱଗମ୍ୟ ହୈ,**
**ସୂଝତ ସୂଝତ ସୂଝ ॥୩୨॥**

ଭାଷ୍ୟ - ବିହଙ୍ଗମ ମାର୍ଗ ଚେତନ ମାର୍ଗ ଅଟେ । କ୍ରମଶଃ ଅନ୍ତରରେ ସୂକ୍ଷ୍ମ ଭାବରେ ସେହି ମାର୍ଗ ପ୍ରତ୍ୟକ୍ଷ ହୋଇଥାଏ, ଠିକ୍ ସେହିପରି ପରମପ୍ରଭୁ ମଧ୍ୟ ଅନୁଭବଗମ୍ୟ ଅଟନ୍ତି । ଜଡ଼ ଦୃଷ୍ଟି ପରେ ଅନ୍ତରର ସୂକ୍ଷ୍ମ ଦୃଷ୍ଟିରେ ପରମପ୍ରଭୁଙ୍କର ସାକ୍ଷାତ୍‌କାର, ଅନୁଭବ ହୋଇଥାଏ । ଚେତନକୁ ଚେତନ ଦେଖିପାରେ, ସେଥିପାଇଁ ବିହଙ୍ଗମ ମାର୍ଗ ହିଁ ସୂକ୍ଷ୍ମ ଆତ୍ମାର ଚେତନ ପଥ ଅଟେ, ଯାହା ଦ୍ୱାରା ଆତ୍ମା ପ୍ରକୃତି ସଂଘାତକୁ ଛାଡ଼ି ଚିନ୍ମୟସ୍ୱରୂପରେ ସେହି ପରଂବ୍ରହ୍ମଙ୍କୁ ପ୍ରତ୍ୟକ୍ଷ କରିଥାଏ ।

**ସହଜ ଯୋଗ ଯୋଗୀ ଚଲେ,**
**ତ୍ୟାଗେ ତନ ଅଭିମାନ ।**
**ଶୁଦ୍ଧ ହଁସ ବନ ଉଡ଼ ଚଲା, ପାୟା**
**ପଦ ନିରଓ୍ୱାନ ॥୩୩॥**

ଭାଷ୍ୟ - ସହଜ ଯୋଗୀ ସମଗ୍ର ଦେହ ସଂଘାତର ଅଭିମାନକୁ ଛାଡ଼ି ଶୁଦ୍ଧ ହଂସ ହୋଇ ବିହଙ୍ଗମ ମାର୍ଗରେ ନିଜ ଦେଶକୁ ଯାଏ ଆଉ ମୋକ୍ଷ ତଥା ପରମାନନ୍ଦକୁ ଲାଭ କରିଥାଏ ।

**କୀଟ ତାର ସେ ଚଢ଼ତ ହୈ,**
**ସହତା ଓ୍ୱାୟୁ ଝକୋର ।**
**ତୈଁୟା ମନ ମାୟା ଓ୍ୱେଗ ମେଁ,**
**ତାର ଧରତ ଚଢ଼ ମୋର ॥୩୪॥**

ଭାଷ୍ୟ - କୀଟ ଦଲକାଏ ପବନର ପ୍ରବାହକୁ ସହ୍ୟକରି ମକରତାରକୁ ଧରି ଉପରକୁ ଚଢ଼ିବାରେ ଲାଗେ । ସେହିପରି ଚେତନା ମନରେ ମାୟାର ପ୍ରବଳ ବେଗ ଆସିଲେ ସୁଦ୍ଧା ମକରତାରକୁ ଧରି ଉପରକୁ ଚଢ଼ିଯାଏ ।

**ସୁରତି ଉଡ଼ାନୀ ଗଗନ କୋ, ଧର**
**ଅଧରା କେ ପାର ।**
**ନିରତି ନିରାମୟ ରଙ୍ଗିୟା, ସହଜ**
**ଯୋଗ ସବ ପାର ॥୩୫॥**

ଭାଷ୍ୟ - ସର୍ବୋତ୍କୃଷ୍ଟ ସହଜ ଯୋଗ ଦ୍ୱାରା ଧର-ଅଧରାକୁ ଅତିକ୍ରମୀ ସୁରତି ଅର୍ଥାତ୍ ଆତ୍ମ ଚୈତନ୍ୟ ଉଡ଼ିଯାଇ ଗଗନରେ ପ୍ରବେଶ କରେ ଆଉ ପ୍ରାକୃତିକ ବାଧାଗୁଡ଼ିକରୁ ମୁକ୍ତ ଏବଂ ଅସଙ୍ଗ ନିରତି ହୋଇ ପରମାନନ୍ଦ ସ୍ୱରୂପକୁ ପ୍ରାପ୍ତ ହୁଏ ।

**ଜୈସେ ଓ୍ୱୀର ଧନୁର୍ଧର, ମାରେ**
**ଦୂର ନିଶାନ ।**
**ବାଣ ଲକ୍ଷ୍ୟ ଭେଦ କରେ, ତିମି**
**ଗୁରୁ ଗମ ପର ଜ୍ଞାନ ॥୩୬॥**

ଭାଷ୍ୟ - ଯେଉଁ ପ୍ରକାର ଧନୁର୍ଦ୍ଧର ବୀର ଧନୁରେ ଗୁଣ ବସାଇ ଲକ୍ଷ୍ୟକୁ ତୀର ଚଳାଏ ଏବଂ ବାଣ ଲକ୍ଷ୍ୟସ୍ଥଳକୁ ଭେଦକରେ, ସେହି ପ୍ରକାର ସଦ୍‌ଗୁରୁଙ୍କର ବିଜ୍ଞାନ ଦ୍ୱାରା ଆତ୍ମା ଦୂରସ୍ଥ ଗୁରୁ ପ୍ରଦେଶରେ ନିଜର ଚେତନ ଶକ୍ତି ଦ୍ୱାରା ଲକ୍ଷ୍ୟକୁ ପ୍ରାପ୍ତ କରେ ଅର୍ଥାତ୍ ସୁରତିରୂପୀ ତୀରରେ ଶବ୍ଦର ଲକ୍ଷ୍ୟ ହୋଇଥାଏ ।

**ସୂର୍ଯ୍ୟ କିରଣ ଦୁର ଦେଶ ମେଁ,**
**ଜାୟ ପ୍ରକାଶିତ ହୋୟ ।**
**ଚେତନ ଅଷ୍ଟମ ସୁରତି ହୈ,**
**ସହଜ ଗଗନ ଗମ ସୋୟ ॥୩୭॥**

ଭାଷ୍ୟ - ସୂର୍ଯ୍ୟର କିରଣ ଦୂର ସ୍ଥାନରେ ଯାଇ ପ୍ରକାଶିତ ହୋଇଥାଏ, ଠିକ୍ ସେହିପରି ଆତ୍ମାର ଚେତନ ଅଷ୍ଟମ ସୁରତି ସ୍ୱାଭାବିକ ଗଗନରେ ଯାଇ ଶବ୍ଦର ଅନୁଭବ କରିଥାଏ । ସାତୋଟି ଯାକ ସୁରତି ପ୍ରାକୃତିକ ହୋଇଥିବା ବେଳେ ଅଷ୍ଟମ ସୁରତି ଶୁଦ୍ଧ ଚୈତନ୍ୟ ଅଟେ ।

**ସିନ୍ଧୁ ସୀପ ସାଗର ରହେ, ଚିତ**
**ଲଗେ ଅସମାନ ।**
**ବୁନ୍ଦ ପାୟ ମୋତୀ ବନେ, ତିମି**
**ଉର ଭେଦିକ ଜ୍ଞାନ ॥୩୮॥**

ଭାଷ୍ୟ - ଶାମୁକା ସମୁଦ୍ରରେ ଥାଏ କିନ୍ତୁ ତାହାର ଚିତ୍ତ ଆକାଶରେ ଥାଏ । ଯେତେବେଳେ ସ୍ୱାତୀ ନକ୍ଷତ୍ରର ଜଳ ସାମୁକାରେ ପଡ଼େ ସେତେବେଳେ ତାହା ମୋତିରେ ପରିଣତ ହୋଇଯାଏ । ଠିକ୍ ସେହିପରି ଭେଦିକ ସନ୍ଥର ସୁରତି ଗଗନରେ ରହେ । ଆକାଶର ଅମୃତ ଧାରା ଯେତେବେଳେ ଆତ୍ମାରେ ପ୍ରବାହିତ ହୁଏ ସେତେବେଳେ ଯୋଗୀ ପବିତ୍ର ଆନନ୍ଦରେ ଆନନ୍ଦିତ ହୋଇଯାଏ ।

**କୂର୍ମ ଗଙ୍ଗା ମେଁ ଓ୍ୱାସ ହୈ, ଅଣ୍ଡନ**
**ବାହର ରାଖ ।**
**ସୁରତି ସେ ଅଣ୍ଡା ସେଓ୍ୱଇ, ସହଜ**
**ଯୋଗ ରତ ଭାଖ ॥୩୯॥**

ଭାଷ୍ୟ - କଇଁଛ ଗଙ୍ଗାରେ ବାସ କରେ, ମାତ୍ର ନିଜର ଡିମ୍ବକୁ ବାହାରେ ଖେତରେ ରଖିଥାଏ । ସେ ସୁରତିରେ ହିଁ ନିଜର ଡିମ୍ବକୁ ଉଷୁମାଇଥାଏ । ଠିକ୍ ସେହିପରି ଯୋଗୀଗଣ ସୁରତି ଦ୍ୱାରା ନିଜର ଗୁରୁ ପ୍ରଦେଶରେ ସର୍ବଦା ଅନୁରକ୍ତ ରହିଥାନ୍ତି ଏବଂ ନିଜର ଶରୀରର ବାହାରେ ଚେତନ ପ୍ରଦେଶରେ ସୁରତିକୁ ଲଗାଇ ରହିଥାନ୍ତି ।

## ସ୍ୱାସ୍ଥ୍ୟ ପାଇଁ କେତୋଟି ଜାଣିବା କଥା

ଉତ୍ତମ ପାଚନ ତନ୍ତ୍ର ନିମନ୍ତେ ସକାଳବେଳା ଆମେମାନେ ଅଧିକ ପାଣି ପିଇବା ସହ ରାତ୍ରିବେଳା କମ୍ ପରିମାଣରେ ପାଣି ପିଇବା ହିତକାରୀ ।

ବିଭିନ୍ନ ଅନୁଧାନରୁ ପ୍ରମାଣିତ ହୋଇଛି ଯେ ଭୋଜନର ଠିକ୍ ପରେ ପାଣି ପିଇଲେ ପେଟ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ବଢ଼ିଥାଏ । ଏଣୁ ଭୋଜନର ୩୦ ମିନିଟ୍ ପରେ ହିଁ ପାଣି ପିଇବା ଉଚିତ ।

ଘର ବାଲକୋନିରେ ଗେଣ୍ଡୁ ଫୁଲ କୁଣ୍ଡ ରଖନ୍ତୁ । ଗେଣ୍ଡୁ ଫୁଲର ବାସ୍ନାରେ ମ୍ୟାଲେରିଆ ମଶା ଦୁରେଇ ଯାଉଥିବାର ବିଶେଷଜ୍ଞଙ୍କ ମତ ।

ଆଖିର ଜ୍ୟୋତି ହ୍ରାସ ପାଇଥିଲେ, ଦୈନିକ ଗୋଟିଏ ଅଣ୍ଡା ସକାଳ ଜଳଖିଆରେ ଖାଇବା ଉଚିତ ।

ଉଚ୍ଚ ରକ୍ତଚାପ ରୋଗୀ ପ୍ରତ୍ୟେକ ବ୍ୟଞ୍ଜନରେ ରସୁଣ ଛୁଙ୍କ ବ୍ୟବହାର କରିବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହିତକାରୀ ।

ନିୟମିତ ଭାବେ ପେଟ ସମସ୍ୟା ହେଉଥିଲେ, ଆପଣ ନାଲି ଚା' ପିଇବା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।

ଫ୍ରିଜରେ ପରିବା ରହି ଶୁଖିଯାଇଥିଲେ, ଏକ ପାତ୍ରରେ ଥଣ୍ଡା ପାଣି ଭର୍ତ୍ତି କରି ଫାଳେ ଲେମ୍ବୁ ଚିପୁଡି ଦିଅନ୍ତୁ । ସେହି ପାଣିରେ ପିଇବା କିଛି ସମୟ ଭିଜାଇ ରଖନ୍ତୁ ।

ଭୋକ ହେଉ ନଥିଲେ ପ୍ରତିଦିନ ଅଧ କପ୍ ଧନିଆ ରସ ପିଇଲେ ସମସ୍ୟା ଦୂର ହୁଏ ।



**ଟିକିଏ ହସନ୍ତୁ**

ଟିଚର : ଆରେ ଚିଣ୍ଟୁ ମଣ୍ଟୁ ତୁମେ ତ ଦୁଇଭାଇ ପୁଣି ବାପାଙ୍କ ନାଁ ଅଲଗା ଅଲଗା କାହିଁ ଲେଖୁଛ ?

ଚିଣ୍ଟୁ -ମଣ୍ଟୁ : ଆପଣ ଭାରି ଚାଲାକ, ଯେମିତି ଆମେ ଜଣକ ନାଁ ଲେଖିବୁ ଆପଣ କହିବେ- ତୁମେ ଦୁହେଁ କପି କରିଛ ।

× × ×

ଟପ୍‌ଲୁ : ବୁଝିଲୁ ବବ୍‌ଲୁ, କାଲି ରାତିସାରା ମୁଁ ଶୋଇନି ।

ବବ୍‌ଲୁ : କାହିଁକି, କ'ଣ ହେଲା କି ?

ଟପ୍‌ଲୁ : କିଛି ନାହିଁ ଯେ, ରାତିସାରା କାଲି ମୁଁ ସ୍ୱପ୍ନ ଦେଖୁଛି ମତେ ଜମା ନିଦ ହଉନି ଆଉ ମୁଁ ଆକାଶକୁ ଚାହିଁ ବସିଛି ।

× × × ×

ଶିକ୍ଷକ : ପିଲାମାନେ ସମସ୍ତେ ଖାଇବା ପୂର୍ବରୁ ହାତଧୋଇ ଖାଇବ ।

ଚିଣ୍ଟୁ : ସାର୍, ମୁଁ ତ ଖାଇ ସାରିବା ପରେ ହାତ ଧୁଏ ।

ଶିକ୍ଷକ : ମାନେ ।

ଚିଣ୍ଟୁ : ସାର୍ ହାତ ନ ଧୋଇଲେ ମୋବାଇଲରେ ଦାଗ ଲାଗିଯିବନି ।

× × × ×

ଲିଟୁ ହୋମଓ୍ୱାର୍କ କରି ନ ଥିଲା ।

ସ୍କୁଲରେ କ୍ଲାସ ଟିଚର ତାକୁ ପଚାରିଲେ ଲିଟୁ କ'ଣ ପାଇଁ ହୋମଓ୍ୱାର୍କ କରିନୁ ।

ଲିଟୁ : ମୁଁ ପଢ଼ିବାକୁ ଯାଇଥିଲି, ଲାଇନ୍ କଟିଗଲା ।



କ୍ଲାସ ଟିଚର : ଲାଇନ ଆସିବା ପରେ କଲୁନି କାହିଁକି ?

ଲିଟୁ : ମୁଁ ଭାବିଲି, ଯଦି ମୁଁ ପଢ଼ିବାକୁ ବସିବି, ତା'ହେଲେ ପୁଣି ଲାଇନ୍ କଟିଯିବ ।

× × × ×

ଜଣେ ବ୍ୟକ୍ତି ଛୋଟେଇ ଆସୁଥିବାର ଦେଖି ଦୁଇଜଣ ଡାକ୍ତର ପରସ୍ପର ମଧରେ କଥାବାର୍ତ୍ତା ।

ପ୍ରଥମ ଡାକ୍ତର : ମୋତେ ଲାଗୁଛି ତା'ର ଗୋଡ଼ରେ ବୋଧେ କିଛି ଅସୁବିଧା ଅଛି ?

ଦ୍ୱିତୀୟ ଡାକ୍ତର : ମୋତେ ଲାଗୁଛି ତା'ର ଆଙ୍ଗୁଠି ବୋଧେ ଭାଙ୍ଗି ଯାଇଛି । ଦୁଇ ଜଣଙ୍କ ମଧରେ ଏପରି କଥାକୁ ନେଇ ଝଗଡ଼ା ହେବାରୁ ତୃତୀୟ ଡାକ୍ତର କହିଲେ : ଚାଲ ତା ନିକଟକୁ ଯିବା ତା'ର କ'ଣ ଅସୁବିଧା ହୋଇଛି ତାକୁ ପଚାରି ବୁଝିବା ।

ଡାକ୍ତର : ତୁମ ଗୋଡ଼ରେ କିଛି ପ୍ରୋବ୍ଲେମ ଅଛି ?

ବ୍ୟକ୍ତି : ନା, ସେମିତି କିଛି ହୋଇନି, ମୋର ଚପଲ ଛିଡି ଯାଇଛି ।

× × × × ×

ବାପା : ପୁଅ ତୋର ରେଜଲ୍ଟ କ'ଣ ହେଲା ?

ପୁଅ : ବାପା ମୋର ରେଜଲ୍ଟ ୮୦ ପ୍ରତିଶତ ଆସିଛି ।

ବାପା : କିନ୍ତୁ ମାର୍କସିଟ୍ ଉପରେ ୪୦ ପ୍ରତିଶତ ଲେଖା ହୋଇଚି, ହେଲେ ଆଉ ବାକି ୪୦ ପ୍ରତିଶତ କୁଆଡେ ଗଲା ?

ପୁଅ : ବାପା, ବାକି ୪୦ ପ୍ରତିଶତ ଆଧାର କାର୍ଡ ଲିଙ୍କ୍ ହେଲେ ଆସିବ ।

## ମୁହଁ ଓ କେଶ ପାଇଁ ଲାଭଦାୟକ ନିମ୍ବପତ୍ର

ଆୟୁର୍ବେଦ ଅନୁସାରେ ନିମ୍ବର ପତ୍ର ଆଣ୍ଟିବାୟୋଟିକ୍, ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆଣ୍ଟି ଆଲର୍ଜି ହୋଇଥାଏ । ଏହା ଆମକୁ ପ୍ରଦୂଷଣ ସହିତ ଅନ୍ୟ କୀଟନାଶକ ରୋଗ ଠାରୁ ବଞ୍ଚାଇଥାଏ ।

**ପେଟ୍ ପାଇଁ:** ଗ୍ୟାସ୍, ଅଲସର ଏବଂ ପେଟର ଅନ୍ୟ ସମସ୍ୟା ମାନଙ୍କ ସହିତ ଟି.ଭି, ୟୁରିନ୍ ଇନଫେକସନ ହୋଇଥିଲେ ନିମ୍ବ ପତ୍ରକୁ ଖାଲି ପେଟରେ ଚୋବାଇଲେ ଆରାମ ମିଳିଥାଏ । ପେଟର ସଫା ପାଇଁ ନିମ୍ବରସ ଦିଆଯାଇଥାଏ । ବସନ୍ତ ଋତୁରେ ନିମ୍ବର ୩-୪ ଟି କୋମଳ ପତ୍ର ଚୋବାଇଲେ ଟାଇଫଏଡ୍, ମିଳିମିଳା, ଜଣ୍ଡିସ ପରି ସଂକ୍ରାମକ ରୋଗ ଦୂର ହୋଇଥାଏ ।



**ଚେହେରା ଜନିତ ରୋଗ ପାଇଁ:** କୁଣ୍ଡିଆ, ଘିମିରି, ଏକଜିମା, କୁଷ୍ଠ ଆଦି ଚେହେରା ବା ଚର୍ମ ସମ୍ବନ୍ଧିତ ରୋଗ ପାଇଁ ନିମ୍ବ ପତ୍ରର ଲେପ ବନାଇ ଲଗାଇବା ଫଳରେ ଲାଭପ୍ରଦ ହୋଇଥାଏ ।

**ଡାଇବେଟିସ୍ ପାଇଁ:** ରୋଗୀଙ୍କୁ ସକାଳେ ଖାଲିପେଟରେ ୬-୭ ଟି ନିମ୍ବପତ୍ର ଏବଂ ୮-୧୦ ଟି ନିମ୍ବୋଳି ଖାଇବା ନିହାତି ଆବଶ୍ୟକ । ଏହା ଖାଇବା ଦ୍ୱାରା ଆମ ଶରୀରର ସୁଗାର ଲେବେଲ୍ କମ୍ ହୋଇଥାଏ ।

**ସାମ୍ପୁରେ ପ୍ରୟୋଗ:** ଲୁହାର ପାତ୍ରରେ ଅଁଳା, ରିଠା, ଶିକାକାୟ ମିଶାଇ ଘି କୁଆଁରୀ ସହିତ ନିମ୍ବର ପତ୍ରକୁ ୧-୨ ରାତି ଭିଜାଇ ରଖନ୍ତୁ । ଏହାପରେ ଏହାକୁ ସିଝାନ୍ତୁ । ଛାଣିବା ପରେ ଥଣ୍ଡା କରି ସାମ୍ପୁ ଭଳି ବ୍ୟବହାର କରନ୍ତୁ ।

**କେଶ ପାଇଁ:** ନିମ୍ବର ଶୁଖିଲା ପତ୍ରକୁ ବାଟି ମେହେନ୍ଦି, ଅଁଳା, ରିଠା, ସିକାକାୟରେ ମିଶାଇ ବାଳରେ ଏକଘଣ୍ଟା ଲଗାଇ ଧୋଇବା ଫଳରେ ବାଳ କଳା ନରମ ଓ ଘଞ୍ଚ ହୋଇ ରୂପି ମଧ ଦୂର ହୋଇ ଯାଇଥାଏ ।

**ତେଲରେ ପ୍ରୟୋଗ:** ଲୁହାର ପାତ୍ରରେ ୨୦୦ ଗ୍ରାମ ନଡିଆ କିମ୍ବା ସୋରିଷର ତେଲରେ ଦୁଇ ମୁଠା ନିମ୍ବପତ୍ର ପେଷ୍ଟ, ଅଁଳା, ଘି କୁଆଁରୀ ଏବଂ ଦାନାମେଥି ଗରମ କରି ଥଣ୍ଡା ହେଲାପରେ ଏହାକୁ ପ୍ରୟୋଗ କରନ୍ତୁ । ସପ୍ତାହରେ ଏହାକୁ ୨ ଥର ଏହି ତେଲକୁ ମୁଣ୍ଡରେ ମାଲିସ୍ କରନ୍ତୁ ।

**କୀଟନାଶକ ଉପଯୋଗ:** ନିମ୍ବର ପତ୍ରକୁ ପାଣିରେ ସିଝାଇ ଗାଧୋଇବା/ସ୍ନାନ କରିବା ଦ୍ୱାରା ଶରୀରକୁ କୀଟାଣୁ ଦୂର ହୋଇଥାଏ । ଏହି ପତ୍ରକୁ ନ ଫିଙ୍ଗି ଏହାକୁ ପେଷ୍ଟ ବନାଇ ମୁଲତାନୀ ମିଟି, ଚନ୍ଦନ ପାଉଡ଼ର ଏବଂ ଗୁଲାପ ଜଳ ସହିତ ୨୦-୩୦ ମିନିଟ୍ ପାଇଁ ଚେହେରା ଉପରେ ଲଗାନ୍ତୁ ଏବଂ ତା' ପରେ ଧୋଇ ଦିଅନ୍ତୁ ।

## ଲିଭର ସୁସ୍ଥ ରଖିବା ଉପାୟ

ଫିଟନେସ ଏକ୍ସପର୍ଟଙ୍କ ଅନୁସାରେ ଜୁସ୍ ବା ତରଳ ଖାଦ୍ୟ ପଦାର୍ଥ ଆପଣଙ୍କ ଲିଭରକୁ ହେଲଦୀ ରଖିଥାଏ ।

ଲାଉ, ହଳଦୀ, ଧନିଆ, ଲେମ୍ବୁ ଓ କଳା ଲୁଣ ଜୁସ୍ ପ୍ରସ୍ତୁତ କରି ପିଅନ୍ତୁ । ଗାଜର, ଅଁଳା ଓ ସୈନ୍ଧବ ଲୁଣ ମିଶାଇ ଜୁସ୍ ପ୍ରସ୍ତୁତ କରି ପିଅନ୍ତୁ । ଖେଚୁଡି ଓ ଡାଲି ଖାଦ୍ୟରେ ସାମିଲ କରନ୍ତୁ ।

ପାଳଙ୍ଗ ଓ ବିଟ୍ ଜୁସରେ ଏକ ଚାମଚ କଳା ଲୁଣ ମିଶାଇ ପିଅନ୍ତୁ ।

କିଛି ଯୋଗାସନ ମଧ ଲିଭର ପାଇଁ ଖୁବ୍ ଫଳପ୍ରଦ । ଆପଣ ଧନୁରାସନ, ଗୋମୁଖୀ ଆସନ, ନୌକାସନ କରି ଖୁବ୍ ଆରାମରେ ନିଜ ଲିଭରକୁ ହେଲଦୀ ରଖି ପାରିବେ ।



## ରସୁଣର ଉପକାରିତା

**ର**ସୁଣ ସାଧାରଣତଃ ଏକ ମସଲା ଦ୍ରବ୍ୟଭାବରେ ବହୁଳ ବ୍ୟବହୃତ ହୁଏ । ତେବେ ଆଧୁନିକ ଯୁଗରେ ଏହା ଉପରେ କରାଯାଇଥିବା ଅନେକ ଗବେଷଣାରୁ ଏଥିରେ ଥିବା ଅନେକ ଆଶ୍ଚର୍ଯ୍ୟଜନକ ଔଷଧୀୟ ତତ୍ତ୍ୱ ବିଷୟରେ ଜଣାପଡିଛି । ଯାହାକି ହୃଦରୋଗ, କ୍ୟାନସର ଓ ଏଡ଼ସ୍ ଭଳି ମାରାତ୍ମକ ରୋଗ ଦାଉରୁ ସୁରକ୍ଷା ଦେଇଥାଏ ।

ଆନାଲସ ଅଫ ଇଣ୍ଟରନାଲ୍ ମେଡିସିନ୍'ର ଏକ ରିପୋର୍ଟ ଅନୁସାରେ ପ୍ରତି ସପ୍ତାହରେ ପାଞ୍ଚଟି ଦାନା କଞ୍ଚା କିମ୍ବା ସିଝା ରସୁଣ ଖାଇବା ଦ୍ୱାରା କ୍ୟାନସର ବିପଦ ୩୦ ରୁ ୪୦ ପ୍ରତିଶତ କମ୍ ହୋଇଥାଏ । ରସୁଣରେ କ୍ୟାନସର ପ୍ରତିରୋଧ କ୍ଷମତା ଭରପୁର ମାତ୍ରାରେ ରହିଛି । ରସୁଣରେ ଥିବା 'ଏଲିସିନ୍' ନାମକ ରାସାୟନିକ ତତ୍ତ୍ୱ ଯୋଗୁଁ ଏହାର ତୀବ୍ର ଗନ୍ଧ ଓ କ୍ୟାନସର ପ୍ରତିରୋଧୀ ଗୁଣ ବିଦ୍ୟମାନ । ଏହା ବ୍ୟତୀତ ଅନ୍ୟ ଏକ ଗବେଷଣାରୁ ଜଣାଯାଇଛି ଯେ, ନିୟମିତ ରସୁଣ ସେବନ କରିବା ଦ୍ୱାରା ରକ୍ତରେ କୋଲେଷ୍ଟ୍ରଲ ସ୍ତର କମିଯାଏ । ତେଣୁ ମଧୁମେହ, ଉଚ୍ଚ ରକ୍ତଚାପ ଓ ମେଦବୃଦ୍ଧି ଭଳି ରୋଗର ଆଶଙ୍କା ମଧ କମିଯାଏ ।

ଜର୍ଣ୍ଣାଲ ଅଫ୍ ନ୍ୟୁଟିସନ୍ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ନିୟମିତ ଏକ ସପ୍ତାହ ପର୍ଯ୍ୟନ୍ତ ରସୁଣ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ସ୍ତର ୧୦ ପ୍ରତିଶତ କମ୍ ହୋଇଯାଏ । ତେଣୁ ଏହି ହୃଦରୋଗର ଆଶଙ୍କା ଦୂର କରିବାରେ ଅତ୍ୟନ୍ତ ଉପଯୋଗୀ ଅଟେ । ଆହୁରି ମଧ ନିୟମିତ ଦୁଇ ପାଖୁଡା କଞ୍ଚା ରସୁଣ ଚୋବାଇ ଖାଇବା ଦ୍ୱାରା ରକ୍ତରେ ଥୋକ୍କା ହେବା ପ୍ରକ୍ରିୟା ଅତି ଶିଥିଳ ହୋଇଯାଏ, ଯଦ୍ଦ୍ୱାରା ହୃଦରୋଗର ବିପଦ ରହେ ନାହିଁ । ଉଚ୍ଚ ରକ୍ତଚାପ ରୋଗରେ ମଧ ରସୁଣ ସେବନ ଲାଭଦାୟକ ଅଟେ ।

ଆଧୁନିକ ଲାବୋରେଟୋରୀରେ ପରୀକ୍ଷାରୁ ରସୁଣରେ ଏକ ପ୍ରକାର ଆଣ୍ଟିବାୟୋଟିକ୍ ଗୁଣ ରହିଥିବାର ମଧ ଦେଖାଯାଇଛି । ଅନ୍ୟାନ୍ୟ ଆଣ୍ଟିବାୟୋଟିକ୍ ତୁଳନାରେ ଏହା କୌଣସି ଗୁଣରେ କମ୍ ନୁହେଁ । ଏଥିପାଇଁ ଏହା ଖୁବ୍ ସହଜରେ ଜୀବାଣୁ ନାଶ କରିଥାଏ । ଘା' ବା ସଂକ୍ରମିତ କ୍ଷତ ଧୋଇବା ପାଇଁ ଏକ ଭାଗ ରସୁଣରେ ତିନିଭାଗ ପାଣି ମିଶାଇ ପ୍ରୟୋଗ କରିବାକୁ ପଡ଼େ । ରସୁଣ ସେବନ କରିବା ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ମଧ ବେଶୀ ମହତ୍ତ୍ୱପୂର୍ଣ୍ଣ । ଏହା ଉଚ୍ଚ ରକ୍ତଚାପକୁ କମ୍ କରିଥାଏ ଏବଂ ରକ୍ତଚାପକୁ ସ୍ୱାଭାବିକ ରଖିଥାଏ । ନିୟମିତ ସକାଳେ ଚାରି ପାଞ୍ଚଟି ରସୁଣ ଚୋବାଇ ଖାଇବା ଦ୍ୱାରା ଏକମାସ ମଧରେ ରକ୍ତରେ କୋଲେଷ୍ଟ୍ରୋଲ ସ୍ତର ନିୟନ୍ତ୍ରିତ ହୋଇଥାଏ ଏବଂ ରକ୍ତ ଜମାଟ ବାନ୍ଧିବା ସମସ୍ୟା ଦୂର ହୋଇଥାଏ ।

ରସୁଣରେ କ୍ୟାନସର ରୋଗ ପ୍ରତିରୋଧକ ଗୁଣ ମଧ ରହିଛି ।



ନିୟମିତ ଦୁଇ ତିନି ପାଖୁଡା କଞ୍ଚା ରସୁଣ ଖାଉଥିବା ଲୋକଙ୍କ ଠାରେ କ୍ୟାନସର ହେବାର ଆଦୌ ସମ୍ଭାବନା ନ ଥାଏ । ବିଶେଷତଃ ଆମାଶୟକୁ ରସୁଣ କ୍ୟାନସର ପାଇଁ ରସୁଣ ସେବନ ଅତ୍ୟନ୍ତ ଲାଭପ୍ରଦ ।

ରସୁଣ ସେବନ ଫୁସ୍‌ଫୁସ୍ କ୍ୟାନସର ପ୍ରତିରୋଧକ ପାଇଁ ମଧ ଅତି ଉପଯୋଗୀ । ଏହା ଫୁସ୍‌ଫୁସ୍‌ର କ୍ୟାନସରରୁ ସୁରକ୍ଷା ଦେଇଥାଏ । ରସୁଣରେ ଥିବା ଏକ ପ୍ରକାର ରାସାୟନିକ ଯୌଗିକ ଡାଇଲିଲ୍ ଟ୍ରାଇସଲଫାଇଡ୍ ମିଳିଥାଏ, ଯାହାକି ଫୁସ୍‌ଫୁସ୍‌ରେ କ୍ୟାନସର କୋଷକୁ ବ୍ୟାପିବାରେ ରୋକିଥାଏ ଏବଂ ସେଗୁଡିକୁ ନଷ୍ଟ କରିବାର କ୍ଷମତା ରଖିଥାଏ । ଡି.ଏ.ଟି.ଏସ୍ ରସୁଣର ତେଲ ଏବଂ ସାଧାରଣ ରସୁଣର ପତ୍ର ଉଭୟରେ ମିଳିଥାଏ । ଏଥିପାଇଁ ରସୁଣକୁ କଞ୍ଚା ଚୋବାଇ ଖାଇବାରେ କିମ୍ବା ଏହାର ତେଲ ବ୍ୟବହାର କଲେ ସୁଫଳ ପାଇବେ ।

ଆହୁରି ମଧ ରସୁଣ ରସରେ କିଛି ମାତ୍ରାରେ ଲୌହସାର ଥିବାରୁ ଏହା ରକ୍ତ ନିର୍ମାଣରେ ସହାୟକ ହୋଇଥାଏ । ତେଣୁ ଯେଉଁମାନଙ୍କ ଶରୀରରେ ରକ୍ତହୀନତା ରହିଛି, ସେମାନେ ନିଶ୍ଚିତ ଭାବରେ ରସୁଣ ସେବନ କରିବା ଉଚିତ । ରସୁଣରେ ଅତି ଅଳ୍ପ ମାତ୍ରାରେ ଭିଟାମିନ୍ -ସି ଥିବାରୁ ଏହା ସ୍କର୍ଭିରୋଗରୁ ମଧ ସୁରକ୍ଷା ଦେଇଥାଏ ।

ଆୟୁର୍ବେଦ ଚିକିତ୍ସାରେ ରସୁଣକୁ ଏକ ବାତନାଶକ ଔଷଧ ଭାବେ ଉପଯୋଗ କରାଯାଏ । ଏହା ବ୍ୟଥାନାଶକ । ତେଣୁ ଆଣ୍ଠୁଗଣ୍ଠିରୋଗ, ସନ୍ଧିବାତ, କଟିଶୂଳ ଆଦି ବେଦନା ପ୍ରଧାନ ବାତ ରୋଗରେ ଚୋପାଛଡ଼ା ରସୁଣ, ବେଗୁନିଆ ଓ ଶୁଣ୍ଠି ଏକତ୍ର ଦରଛେଚା କରି ସିଝାଇ ସେବନ କରିବାକୁ ବୈଦ୍ୟମାନେ ପରାମର୍ଶ ଦିଅନ୍ତି । ଆୟୁର୍ବେଦର ପ୍ରସିଦ୍ଧ ଶାସ୍ତ୍ରୀୟ ଔଷଧ ରସୋନପିଣ୍ଡ ଯାହାକି ମୁଖ୍ୟତଃ ରସୁଣରୁ ପ୍ରସ୍ତୁତ ଆମବାତ ରୋଗର ଏକ ଅବ୍ୟର୍ଥ ଔଷଧ । ଏହାଛଡ଼ା, ରସୁଣକୁ ସୋରିଷ ତେଲରେ ଫୁଟାଇ ଦେହରେ ମାଲିସ୍ କଲେ ବ୍ୟଥା, ଦରଜ ଓ ଶିଶୁମାନଙ୍କ ଥଣ୍ଡା, ସର୍ଦ୍ଦି ଉପଶମ ହୁଏ । ଆଗରୁ ଥଣ୍ଡା, କଫ ଦୋଷରୁ ମୁକ୍ତ ରଖିବା ପାଇଁ ଶିଶୁମାନଙ୍କୁ ରସୁଣ ମାଳା ପିନ୍ଧାଇ ଦିଆଯାଉଥିଲା ।

## ଆପଣ ଜାଣନ୍ତି କି ?

- ନ୍ୟାୟ ଦର୍ଶନ ଗୌତମ ପ୍ରତିଷ୍ଠା କରିଥିଲେ ।
- ମହର୍ଷି କଣାଦ ବୈଶେଷିକ ଦର୍ଶନ, ମହର୍ଷି କପିଳ ସାଂଖ୍ୟ ଦର୍ଶନର ପ୍ରତିଷ୍ଠା କରିଥିଲେ ।
- ଏକ ସର୍ଭେ ଅନୁଯାୟୀ ବିଶ୍ୱରେ ସମୁଦାୟ ୬,୫୦୦ ଭାଷା ବ୍ୟବହାର କରାଯାଉଛି ।
- ଉଦ୍ଭିଦଗୁଡିକ ଝାଉଁଳି ପଡିବାର ମୁଖ୍ୟ କାରଣ ହେଉଛି ପ୍ରସ୍ୱେଦନ ।
- ୧୯୮୮ ମସିହାରେ ସିଓଲରେ ଅଲିମ୍ପିକ ଖେଳରେ ପ୍ରଥମ ଥର ପାଇଁ ଟେବଲ୍ ଟେନିସ୍ ଖେଳାଯାଇଥିଲା ।
- ବୁକର୍ ପୁରସ୍କାର ବିଶ୍ୱର ସବୁଠାରୁ ବଡ଼ ସାହିତ୍ୟ ପୁରସ୍କାର । ୧୯୬୯ ମସିହାରେ ଏହି ପୁରସ୍କାର ପ୍ରଚଳନ ହୋଇଥିଲା ।
- ସାରା ଭାରତରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସବୁଠାରୁ ବେଶି ଶାଖା ପ୍ରତିଷ୍ଠା କରାଯାଇଛି ।
- ଭାରତର ଅନ୍ୟ ରାଜ୍ୟଗୁଡିକ ଠାରୁ ସହରୀ ଲୋକଙ୍କ ସଂଖ୍ୟା ମହାରାଷ୍ଟ୍ରରେ ଅଧିକ ।
- ବହୁ ଚର୍ଚ୍ଚିତ ଉପନ୍ୟାସ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ୍' ଲେଖିକା ଅରୁନ୍ଧତି ରାୟ ।
- ହିମାଳୟର ସୃଷ୍ଟି ୪୫ ମିଲିୟନ୍ ବର୍ଷ ପୂର୍ବରୁ ବୋଲି ବୈଜ୍ଞାନିକ ଗବେଷଣାରୁ ଜଣା ପଡିଛି ।
- ସଂସଦର ତଳସଦନ ଲୋକସଭାର ସଦସ୍ୟମାନେ ସିଧାସଳଖି ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

## ମୋଟାପା କମାଇବ ଡାଳିମ୍ବ ଜୁସ୍

**ଅ**ନିୟମିତ ଜୀବନ ଶୈଳୀ ତଥା ଖାଦ୍ୟ ପେୟରେ ନିୟନ୍ତ୍ରଣ ନ ରଖିବା କାରଣରୁ ଅଧିକାଂଶ ବ୍ୟକ୍ତି ଆଜିକାଲି ମୋଟାପାର ଶିକାର ହେଉଛନ୍ତି । ମୋଟାପଣ ଏକ ପ୍ରକାର ରୋଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାକୁ କମ୍ କରିବା ପାଇଁ ଆଜିକାଲି ବ୍ୟକ୍ତି ଏକ୍ସରସାଇଜଠାରୁ ଆରମ୍ଭ କରି ଡାଏଟ୍ କଣ୍ଟ୍ରୋଲ ମଧ କରୁଛନ୍ତି । କିନ୍ତୁ କେବଳ ଏକ୍ସରସାଇଜ କରିଦେଲେ ଓଜନ କମ୍ ହେବ ତାହା ନୁହେଁ, ଏମିତି କିଛି ଜୁସ୍ ରହିଛି ଯାହା ସେବନ କରିବା ଫଳରେ ମୋଟାପା ନିୟନ୍ତ୍ରଣ ହୋଇଥାଏ ।



ଡାଳିମ୍ବ ଜୁସ୍ ସ୍ୱାସ୍ଥ୍ୟ ଓ ୱେଟ ଲସ ପାଇଁ ଖୁବ୍ ଉପକାରୀ । ଡାଳିମ୍ବ ଜୁସରେ କମଳା ରସ ମିଶାଇ ପିଇବା ଫଳରେ ବହୁ ସମୟ ପର୍ଯ୍ୟନ୍ତ ପେଟ ଭରି ଯାଇଥାଏ । ଯଦି ସକାଳର ଖାଦ୍ୟ ଡେରିରେ ଖାଇଛନ୍ତି ତେବେ ଲଞ୍ଚ ଟାଇମରେ ଏହି ଜୁସ୍ ପିଇବା ଫଳରେ ଆପଣଙ୍କୁ ସନ୍ଧ୍ୟା ଭୋଜନ କରିବାକୁ ପଡିବ ନାହିଁ । ଏଥିସହିତ ରକ୍ତ ଅଭାବକୁ ମଧ ଡାଳିମ୍ବ ଜୁସ୍ ପୂରଣ କରିଥାଏ ।

## ରୋଗର ବିଲୟକାରୀ ବେଲ

**ବେଲ**'ର ସଂସ୍କୃତ ନାମ ବିଲ୍ୱ । ଏହାର କାରଣ ହେଉଛି, ରୋଗାନ୍ ବିଲୟତି ଭିନ୍ଦନ୍ତି ନାଶୟତି ଇତି ବିଲ୍ୱମ୍ । ଅର୍ଥାତ୍ ରୋଗୀମାନଙ୍କର ବିଲୟ କରୁଥିବାରୁ ଏହାର ନାମ 'ବିଲ୍ୱ' ବା 'ବେଲ' । ଶରୀରର ପୀଡ଼ା ଦୂର କରୁଥିବାରୁ ଏହାକୁ ମଧ 'ଶାଣ୍ଡିଲ୍ୟ' କୁହାଯାଏ । ଏହା ବ୍ୟତୀତ ଏହାର ସୁନ୍ଦର ଫଳ ପାହାଡ଼ମାନଙ୍କରେ ଦେଖାଯାଉ ଥିବାରୁ ଏହା 'ଶୈଳୁଷ' । 'ଶ୍ରୀଫଳ', ମାଲୁର, 'ଗନ୍ଧଗର୍ଭ', 'କଣ୍ଟକୀ', 'ସଦାଫଳ' ଓ 'ଗ୍ରନ୍ଥିକ' ଆଦି ନାମରେ ମଧ ଏହା ଜଣାଯାଏ । କଇଥ ପରି ଦେଖାଯାଉଥିବାରୁ ଏହାର ଅନ୍ୟନାମ 'ମହାକପିତ୍ଥ' ।



ବେଲର ପତ୍ର, କଷିଫଳ ଓ ପାଚିଲା ଫଳକୁ ଆୟୁର୍ବେଦରେ ଔଷଧ ରୂପେ ବ୍ୟବହାର କରାଯାଏ । ଏହାର ପତ୍ରର ରସ କଷାୟ ଓ ତିକ୍ତ, ଅତ୍ୟନ୍ତ ଉଷ୍ମ ଏବଂ ଏହା ଶରୀରରେ କଟୁଗୁଣ ରୂପେ କାର୍ଯ୍ୟ କରେ । ଏହା ଫଳରେ ସମସ୍ତ କଫଜାତ ରୋଗରେ ଏହାକୁ ବ୍ୟବହାର କରାଯାଏ । ପ୍ରତ୍ୟହ ସକାଳେ ଖାଲିପେଟରେ ବେଲପତ୍ର ଖାଇଲେ ହଜମ ଶକ୍ତି ବୃଦ୍ଧି ପାଏ ଏବଂ ଏହା ପାଚନ କ୍ରିୟାରେ ସହାୟକ ହୁଏ । ଏହା ମଧ କୃମିନାଶକ । କଷି ବେଲକୁ ଶୁଖାଇ ଗୁଣ୍ଡକରି ବିଭିନ୍ନ ପ୍ରକାରର ଝାଡ଼ାରୋଗ ପାଇଁ ଔଷଧ ରୂପେ ବ୍ୟବହାର କରାଯାଏ । ଏହାକୁ ମହୁ ସହିତ ଖାଇଲେ ଅର୍ଶରୋଗରୁ ଉପଶମ ମିଳେ । ପେଟ କାଟି ହେଲେ ଏହାକୁ ଉଷୁମ ପାଣି ସହିତ ଖିଆଯାଏ । ଏହାର ପତ୍ର ରକ୍ତରେ ଶର୍କରା ପରିମାଣକୁ କମ୍ କରିବାରେ ସାହାଯ୍ୟ କରେ । ଗୋଲମରିଚ ସହ ବେଲପତ୍ର ଖାଇଲେ ଏହା କାମଳ ରୋଗରୁ ଉପଶମ ଦିଏ । ମହୁ ସହିତ ଖାଇଲେ ଶ୍ୱାସ ଓ କାଶରୋଗରୁ ଉପଶମ ମିଳେ । ପାଚିଲା ବେଲର ପଣା ଶରୀରକୁ ଶୀତଳତା ଦେବା ସହିତ ଆମାଶୟ ରୋଗ ପାଇଁ ଉପଯୋଗୀ ହୁଏ । ଏହା ଶରୀରର ବଳବୃଦ୍ଧି ଦୃଷ୍ଟିରୁ ମଧ ଉପକାରୀ ।

## କହିପାରିବେ କି ?

(୧) କେଉଁ ତାରିଖକୁ ଅନ୍ତଃରାଷ୍ଟ୍ରୀୟ ଜୈବ ବିବିଧତା ଦିବସ ଭାବେ ପାଳନ କରାଯାଏ ?
(୨) ବିଶ୍ୱର କେଉଁ ଦେଶକୁ ପ୍ରଥମ ସ୍ଥାୟୀ ଜୈବ ଇନ୍ଧନ ଅର୍ଥବ୍ୟବସ୍ଥା ଭାବେ ଗ୍ରହଣ କରାଯାଇଛି ?
(୩) ଷ୍ଟ୍ରାଟୋସ୍ପିଅର ଓଜୋନ ସ୍ତରର 'ମୋଟେଇ' କେଉଁଥିରେ ମପାଯାଏ ?
(୪) କେଉଁ ସ୍ଥାନ କ୍ୟାକଟସର ଜୈବ ବିବିଧତା ପାଇଁ ଏକ ହଟ୍‌ସ୍ପଟ ଭାବେ ବେଶ୍ ପରିଚିତ ?
(୫) ମୋନ୍‌ଟ୍ରିଆଲ ପ୍ରୋଟକଲ କାହା ସହ ଜଡିତ ?
(୬) ଫଳ ଉତ୍ପାଦନ କ୍ଷେତ୍ରରେ ବିଶ୍ୱ ତାଲିକାରେ ଭାରତର ସ୍ଥାନ କେଉଁଠି ?
(୭) ନ୍ୟାସନାଲ ବ୍ୟାଙ୍କ ଫର ଏଗ୍ରିକଲଚରାଲ ଆଣ୍ଡ ରୁରାଲ୍ ଡେଭଲପମେଣ୍ଟ କେଉଁ ବର୍ଷ ପ୍ରତିଷ୍ଠା ହୋଇଥିଲା ?
(୮) 'ନ୍ୟାସନାଲ ରାଇସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍' କେଉଁଠାରେ ଅବସ୍ଥିତ ?
(୯) ଭାରତର କାହାକୁ 'ଶ୍ୱେତ ବିପ୍ଳବ'ର ଜନକ ବୋଲି କୁହାଯାଏ ?
(୧୦) ଡଃ. ଏମ୍.ଏସ୍. ସ୍ୱାମୀନାଥନ୍ କେଉଁ କ୍ଷେତ୍ର ସହ ଜଡିତ ?

### JUMBLE WORDS

| | | | |
|---|---|---|---|
| 1) CTDHI | = | 6) GETIR | = |
| 2) NAPKL | = | 7) ZABGEO | = |
| 3) XIEPER | = | 8) RNYJIU | = |
| 4) LICCIN | = | 9) RDTEN | = |
| 5) TZYSE | = | 10) PIREG | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସମ୍ପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ୭ହଜାର ବର୍ଷ ପୂର୍ବେ, ୨. ରବିବାର ଏକାଦଶୀ ତିଥିରେ, ୩. କୁରୁ କ୍ଷେତ୍ରରେ, ପାଖାପାଖି ୪୫ ମିନିଟରେ, ୪. କର୍ତ୍ତବ୍ୟ ଶିଖାଇବା ପାଇଁ ଓ ଭବିଷ୍ୟତରେ ମାନବ ସମାଜକୁ ଧର୍ମ ବିଷୟକ ଜ୍ଞାନ ଶିଖିବା ପାଇଁ, ୫. ୧୮ ଅଧ୍ୟାୟ ଓ ୭୦୦ ଶ୍ଳୋକ, ୬. ଜ୍ଞାନ, ଭକ୍ତି, କର୍ମ ଓ ଯୋଗ, ୭.ଧୃତରାଷ୍ଟ୍ର ଓ ସଞ୍ଜୟ, ୮. ସୂର୍ଯ୍ୟ ଦେବତାଙ୍କୁ, ୯.ଉପନିଷଦ, ୧୦. ମହାଭାରତର ଶାନ୍ତିପର୍ବ

***Jumble Words* ର ଉତ୍ତର :-**

(1) GRAVEL (2) ACROSS (3) PRUNE (4) FLEET (5) REBUKE (6) EXOTIC (7) BRISK (8) BOSSY (9) OUTBID (10) ACQUIT

# ଇ-ଯାନ, ଚାର୍ଜିଂ ଭିତ୍ତିଭୂମି ବିକାଶକୁ ପିକେ ମିଶ୍ରଙ୍କ ଗୁରୁତ୍ୱ

ନୂଆଦିଲ୍ଲୀ : ଇ-ଯାନ ଓ ଚାର୍ଜିଂ ଭିତ୍ତିଭୂମି ବିକାଶ ଉପରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ.ପି. କେ ମିଶ୍ର ଗୁରୁତ୍ୱାରୋପ କରିଛନ୍ତି ।

ଦିଲ୍ଲୀ- ଏନ୍‌ସିଆର୍‌ରେ ବାୟୁ ପ୍ରଦୂଷଣ ବୃଦ୍ଧି ପ୍ରସଙ୍ଗକୁ ନେଇ ଗଠିତ ଉଚ୍ଚସ୍ତରୀୟ ଟାସ୍କଫୋର୍ସର ଏକ ବୈଠକରେ ଅଧକ୍ଷତା କରି ଡ. ମିଶ୍ର ଆଗାମୀ ଶୀତ ଋତୁରେ ବାୟୁ ଗୁଣବତ୍ତା ଖରାପ ହେବାରୁ ରୋକିବା ପାଇଁ ସମ୍ପୃକ୍ତ ଏଜେନ୍ସି ଦ୍ୱାରା ଗ୍ରେଡେଡ୍ ରେସ୍ପୋନ୍ସ ଆକ୍ସନ୍ ପ୍ଲାନ୍ (ଜିଆରଏପି)କୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ଉପରେ ଜୋର ଦେଇଥିଲେ । ପରାଳି ପୋଡ଼ିବା, ଯାନବାହନରୁ ହେଉଥିବା ଅଙ୍ଗାରକାମ୍ଳ ନିର୍ଗମନ, ସଡ଼କ ଓ ନିର୍ମାଣ ସ୍ଥଳୀରୁ ସୃଷ୍ଟ ଧୂଳି, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଡିଜେଲ ଜେନେରେଟର ସେଟ୍ ସମେତ ବିଭିନ୍ନ ଉତ୍ସରୁ ସୃଷ୍ଟି ହେଉଥିବା ପ୍ରଦୂଷଣର ମୁକାବିଲା ନିମନ୍ତେ ଚାଲିଥିବା ପ୍ରୟାସର ସମୀକ୍ଷା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା ।

ଡକ୍ଟର ମିଶ୍ର ପଞ୍ଜାବ, ହରିଆଣା ଓ ଉତ୍ତର ପ୍ରଦେଶର ମୁଖ୍ୟ ଶାସନ ସଚିବଙ୍କୁ ସେମାନଙ୍କ କାର୍ଯ୍ୟଯୋଜନାରେ ପ୍ରତିଶ୍ରୁତି ଅନୁସାରେ ପରାଳି ପୋଡ଼ା ରୋକିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଆକ୍ସନ୍ ପ୍ଲାନ୍ ଉପରେ ନଜର ରଖିବାକୁ କହିଛନ୍ତି । ଏହାଛଡ଼ା ଏନ୍‌ସିଆର୍ ଅଞ୍ଚଳର



ରାଜ୍ୟଗୁଡ଼ିକର ମୁଖ୍ୟ ସଚିବଙ୍କୁ ସେମାନଙ୍କ ଇ-ବସ୍ ସେବା ବୃଦ୍ଧି ଲାଗି ଅପିଲ୍ କରିଛନ୍ତି । ଦେଶରେ ଇ-ବସ୍ ସଂଖ୍ୟା ୧୦ ହଜାର ପର୍ଯ୍ୟନ୍ତ ବଢ଼ାଇବା ଲାଗି ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ଲକ୍ଷ୍ୟ ରହିଥିବା ସେ କହିଛନ୍ତି ।

ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍)ର ଅଧକ୍ଷ ରାଜେଶ ବର୍ମା ଆଗାମୀ ଫସଲ ଅମଳ ଋତୁରେ ଧାନ ନଡ଼ା ସୃଷ୍ଟି ବାବଦରେ ବିସ୍ତୃତ ବିବରଣୀ ଦେଇଥିଲେ । ପଞ୍ଜାବରେ ୧୯.୫୨ ନିଯୁତ ଟନ୍ ଏବଂ ହରିଆଣାରେ ୮.୧୦ ନିଯୁତ ଟନ୍ ନଡ଼ା ବାହାରିବା ନେଇ ଆକଳନ ହୋଇଥିବା ସେ କହିଥିଲେ । ତେବେ ଉଭୟ ରାଜ୍ୟ ଏଥର ପରାଳି ଜାଳିବା ବନ୍ଦ କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି । ବୈଠକରେ ଥର୍ମାଲ ପ୍ଲାଣ୍ଟଗୁଡ଼ିକର ନିୟମିତ ତଦାରଖ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାଦ୍ୱାରା କୋ-ଫାୟାରିଂ ଟାର୍ଗେଟ୍ ପୂରଣ ହୋଇପାରିବ । ଏହି ବୈଠକରେ କ୍ୟାବିନେଟ୍ ସଚିବ ଡ. ଟି ଭି ସୋମନାଥନ, ଦିଲ୍ଲୀ ପୁଲିସ କମିଶନର ଏବଂ ପରିବେଶ, କୃଷି, ଶକ୍ତି, ପେଟ୍ରୋଲିୟମ୍, ସଡ଼କ ପରିବହନ, ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ଓ ପଶୁପାଳନ ମନ୍ତ୍ରଣାଳୟର ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ । ଏଥିସହ ପଞ୍ଜାବ, ହରିଆଣା, ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ଦିଲ୍ଲୀର ମୁଖ୍ୟ ଶାସନ ସଚିବ ଓ ସେମାନଙ୍କ ପ୍ରତିନିଧି ଯୋଗ ଦେଇଥିଲେ ।

# ଗଳ୍ପ ସଂକଳନ 'ଗୋଟିଏ ଗାଁର କାହାଣୀ' ଉନ୍ମୋଚିତ



ସମ୍ବଲପୁର : ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀ ସ୍ମୃତି ସମିତି ପକ୍ଷରୁ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ବିଶିଷ୍ଟ ଗାଳ୍ପିକ ଜନ୍ମେଜୟ ବାବୁଙ୍କ ରଚିତ ଗଳ୍ପ ସଂକଳନ 'ଗୋଟିଏ ଗାଁର କାହାଣୀ' ଉନ୍ମୋଚିତ ହୋଇଛି । ସଭାରେ ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ ମୁଖ୍ୟ ଅତିଥି, ସାମ୍ବାଦିକ ତଫଜୁଲ ହୁସେନ ମୁଖ୍ୟ ବକ୍ତା, ଗୋପୀନାଥ ଷଡ଼ଙ୍ଗୀ ବିଶେଷ ବକ୍ତା, ଅଧାପକ ସୋମନାଥ ବିଶ୍ୱାଳ ମୁଖ୍ୟ ସମୀକ୍ଷକ ଓ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ନନ୍ଦ ସମୀକ୍ଷକ ଭାବରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ନନ୍ଦ କହିଥିଲେ ଯେ, ସାହିତ୍ୟରେ ଗ୍ରାମ୍ୟ ଜୀବନର ନିଖୁଣ ଚିତ୍ର ପ୍ରଦର୍ଶନ ହେବା ଉଚିତ୍ । ସଂପାଦକ ସୁଶାନ୍ତ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ପୁସ୍ତକର ଲେଖକ ଶ୍ରୀବାବୁ ଏହି ପୁସ୍ତକ ଲେଖିବା ସମୟର ସ୍ମୃତି ବଖାଣିଥିଲେ । ସଭାରେ ଶିକ୍ଷକ ବିଷ୍ଣୁ ପ୍ରସାଦ ଗୁରୁ, ମାହେଶ୍ୱରୀ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ତପନ ଗୁରୁ, ନବ କିଶୋର ବାବୁ, ଯୀଶୁକୃଷ୍ଣ ଦାଶ, ଅମରନାଥ ଶତପଥୀ, ଅମରେଶ ରଥ, ଅର୍ଜୁନ ଚରଣ ମହାନ୍ତ, ସାମ୍ବାଦିକ ଦୀପକ ପଣ୍ଡା, ସୀମନ୍ତିନୀ ବାବୁ, ସୁବର୍ଣ୍ଣ ମେହେରଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ । ଶେଷରେ ସବିତା ମିଶ୍ର ଧନ୍ୟବାଦ ଦେଇଥିଲେ ।

# 'ଜୁହାର ପରିବାର' ବାଙ୍ଗାଲୋର ପକ୍ଷରୁ ନୁଆଁଖାଇ ମହୋତ୍ସବ

ବାଙ୍ଗାଲୋର : 'ଜୁହାର ପରିବାର' ବାଙ୍ଗାଲୋର ପକ୍ଷରୁ ନୁଆଁଖାଇ ମହୋତ୍ସବ ଆୟୋଜିତ ହୋଇଯାଇଛି । ଏଥିରେ ବାଙ୍ଗାଲୁରୁର ସାଂସଦ ପି.ସି. ମୋହନ, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ଭୁବନେଶ୍ୱରର ଆପୋଲୋ ହାସ୍ପାତାଲରେ କାର୍ଯ୍ୟରତ ହୃଦରୋଗ ବିଶେଷଜ୍ଞ ଡାକ୍ତର ବ୍ୟୋମକେଶ ଦୀକ୍ଷିତଙ୍କୁ ସମ୍ମାନଜନକ 'ଜୁହାର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଏଥିସହ ସମ୍ବଲପୁରର ସାମାଜିକ ଅନୁଷ୍ଠାନ 'ସମ୍ବଳ'ର ପ୍ରତିଷ୍ଠାତା ରାମଦାସ ପଣ୍ଡା, ସାମାଜିକ କାର୍ଯ୍ୟକର୍ତ୍ତା ଭୋଲା ମହନ୍ତମ ଏବଂ ଅଭିନେତ୍ରୀ ଡକ୍ଟର ତପସ୍ୱିନୀ ଗୁରୁଙ୍କୁ ମଧ ସମାରୋହରେ ସମ୍ମାନିତ କରାଯାଇଥିଲା ।

ଇଷ୍ଟଦେବୀ ସମଲେଇଙ୍କ ପୂଜାର୍ଚ୍ଚନା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ୭୦ରୁ ଅଧିକ କଳାକାର ଏହି ମହୋତ୍ସବରେ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ କରିଥିଲେ । ପ୍ରଖ୍ୟାତ ସମ୍ବଲପୁରୀ ଗାୟକ ରୁକୁ ସୁନା ଏବଂ ଅର୍ଚ୍ଚନା ପାଢୀଙ୍କ ସଙ୍ଗୀତ ସହ ହାସ୍ୟ କଳାକାର ଯୋଗେଶ ଜୋଜୋ ଅଭିନୟ ଜରିଆରେ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲେ । ନୂଆଁଖାଇ କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିଥିଲା । ଅଭିନେତା ତଥା ନୃତ୍ୟଗୁରୁ ଭାରତ ଗୌରବ ଦାଶଙ୍କ ନେତୃତ୍ୱରେ ଲୋକ କଳକାରମାନେ ଚିତ୍ତାକର୍ଷକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ହ୍ୟାରି



ଏବଂ ଜୟଶ୍ରୀ ମଧ ସେମାନଙ୍କର ସମ୍ବଲପୁରୀ ନାଚରେ ଦର୍ଶକଙ୍କୁ ବିମୋହିତ କରିଥିଲେ । ଏହାସହ ଫ୍ୟାଶନ୍ ଡିଜାଇନର୍ ସାମ ଏବଂ ରାଜୀବଙ୍କ ନେତୃତ୍ୱରେ ସମ୍ବଲପୁରୀ ହବ୍ ଦ୍ୱାରା ଫ୍ୟାଶନ୍ ସୋ ଆୟୋଜିତ ହୋଇଥିଲା । ପାରମ୍ପରିକ ସମ୍ବଲପୁରୀ କପଡାକୁ ରେମ୍ପରେ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମାନସ ମିଶ୍ର, ସୂର୍ଯ୍ୟ ଗୁରୁ, ପାରୁଲ ଶର୍ମା ଏବଂ ସ୍ମରଣିକା ଧର ପରିଚାଳନା କରିଥିଲେ ।

ଜୁହାର ପରିବାର ବାଙ୍ଗାଲୋରର ସମ୍ପାଦକ ସତ୍ୟଜିତ ଚଏନି ତାଙ୍କ ସମ୍ବୋଧନରେ ପଶ୍ଚିମ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ତଥା ପ୍ରଚାର କରିବାରେ ନୂଆଁଖାଇ ଭେଟ୍‌ଘାଟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବର୍ଣ୍ଣନା କରିଥିଲେ । ଜୁହାର ପରିବାର ବାଙ୍ଗାଲେଶରର ସଭାପତି ଶୋଭନ୍ ଦାଶ ଆୟୋଜନରେ ସହଯୋଗ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ପ୍ରତିଷ୍ଠାତା ସଦସ୍ୟ ବିଶ୍ୱଜିତ ପ୍ରଧାନ, ଫନିନ୍ଦ୍ର ସା ଏବଂ ସନ୍ଦୀପ ପାଣିଙ୍କ ସହ ବରିଷ୍ଠ ସଦସ୍ୟ ଶରତ ରାୟ ଚୌଧୁରୀ, ପିତାମ୍ବର ପରିଚ୍ଛା, ଶୋଭନ୍ ଦାଶ ଏବଂ ସତ୍ୟଜିତଙ୍କ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ମଳୟ ସାହୁ, ସନ୍ଦୀପ ପ୍ରଧାନ, ଚିନ୍ମୟ ଭୋଇ, ଆନନ୍ଦ ମେହେର, ପ୍ରଭାତ ମିଶ୍ର, ଆନନ୍ଦ ମିଶ୍ର, ଆକାଶ ସାହୁ, ଆକାଶ ପୁରୋହିତ, ସୁବ୍ରତ, ପ୍ରବୀର ପାଣିଗ୍ରାହୀ, ସଚ୍ଚିଦାନନ୍ଦ କର, ରୋଶନ ପଣ୍ଡାଙ୍କ ସହ ଜୁହାର ପରିବାର ବାଙ୍ଗାଲୋରର ମିଡିଆ ସଂଯୋଜକ ସୁଦୀପ୍ତ ପଣ୍ଡା ସହଯୋଗ କରିଥିଲେ ।

# ଭୋପାଳରେ ନୂଆଁଖାଇ ଭେଟ୍

ଭୋପାଳ : ସମ୍ବଲପୁରୀ ପରିବାର ଭୋପାଳ ପକ୍ଷରୁ ୧୧ ତମ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭୋପାଳରେ ରହୁଥିବା ପ୍ରାୟ ୪୦୦ ପଶ୍ଚିମ ଓଡ଼ିଶା ବାସୀ ବେଶ ଧୁମଧାମରେ ଏହାକୁ ପାଳନ କରିଛନ୍ତି । ଡାକ୍ତର ଡି.କେ ଶତପଥୀ, ଜିଏନ୍ ସାହୁ, ଏ.ସି ହୋତା, ଆରକେ ବାରିକ, ମିନକେତନ ନାଏକ, ଡାକ୍ତର ପ୍ରତୀକ ବେହେରା ଅତିଥି ଭାବେ ଯୋଗ ଦେଇ ବାର୍ଷିକ ସାଂସ୍କୃତିକ ପତ୍ରିକା 'କହଁର'ର ସପ୍ତମ ସଂସ୍କରଣ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାରୁ ପ୍ରାୟ ୪୦ ଜଣ କଳାକାର ଯୋଗ ଦେଇ ନିଜର କଳା ପ୍ରଦର୍ଶନ କରିଥିଲେ । ପ୍ରାରମ୍ଭରେ ପୂଜକ ବିଭୂତି ଭୋଇ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । କଣ୍ଠ ଶିଳ୍ପୀ ଡିଲେଶ୍ୱର ବିଶ୍ୱାଳଙ୍କ ଦ୍ୱାରା ସମଲେଶ୍ୱରୀଙ୍କ



ଭଜନରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସୁନ୍ଦରଗଡ଼ରୁ ଆସିଥିବା ମୟୁରୀ ସାଂସ୍କୃତିକ ଦଳ ଗୀତର ତାଳେ ତାଳେ ସମସ୍ତେ ନାଚି ଉଠିଥିଲେ । ଏହାସହ କଣ୍ଠଶିଳ୍ପୀ ଡିଲେଶ୍ୱର ବିଶ୍ୱାଳ, ଟିହିଲୁ ବାଗ୍, ଛାତ୍ର ଦୁର୍ଗା ଓ ଦେବସ୍ମିତା ନିଜର ଗୀତ ପରିବେଷଣ କରିଥିଲେ । ବରଗଡ଼ ଜିଲ୍ଲାରୁ ଆସିଥିବା କିଶୋର ମିଶ୍ରଙ୍କ ପାରମ୍ପରିକ ଖାଦ୍ୟ ପରିବେଷଣ କରାଯାଇଥିଲା । ଏଥିରେ ଲେଥା, କାକାରା, ରସବରା କର୍ଡରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ବେଶ ଆନନ୍ଦ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ଡିଲେଶ୍ୱର ବିଶ୍ୱାଳ ପରିଚାଳନା କରିଥିବା ବେଳେ ସଭାପତି ଭାବଗ୍ରାହୀ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । କିଶୋର କେର୍କେଟା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଦୀପ ମାଝୀ, ଭବାନୀ ଖମାରୀ, ଦିଲୀପ ମିଶ୍ର, ବିଶ୍ୱଜିତ ମାଝୀ, ଯୋଗେନ୍ଦ୍ର କିଶାନ, ଜିତେନ୍ଦ୍ର ତ୍ରିପାଠୀ, ରମେଶ ପ୍ରଧାନ, ମହେଶ୍ୱର କିଷାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ପରମ୍ପରା ଓ ଐତିହ୍ୟ ହେଉଛି ଆମର ଗୌରବ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

















## ଦିଲ୍ଲୀ ଜୁହାର ପରିବାରର ରୌପ୍ୟ ଜୟନ୍ତୀ 'ନୂଆଁଖାଇ ପରବ'

ଦିଲ୍ଲୀ ଓ ଓଡ଼ିଶାବାସୀଙ୍କୁ ନୂଆଁଖାଇ ପରବର ଶୁଭେଚ୍ଛା ଜଣାଇ ସେ କହିଥିଲେ ଯେ, ପଶ୍ଚିମ ଓଡ଼ିଶାର ଏହି ନୂଆଁଖାଇ ପରବ ସାରା ବିଶ୍ୱରେ ଏବେ ପାଳିତ ହେଉଛି । ରାଜଧାନୀ ଦିଲ୍ଲୀର 'ଜୁହାର' ପରିବାର ପକ୍ଷରୁ ୨୫ବର୍ଷ ଧରି ଏହି 'ପରବ' ପାଳନ କରାଯାଉଥିବାରୁ ସେ ଏହି ସଂସ୍ଥାର ଉଦ୍ୟୋକ୍ତାଙ୍କୁ ଡକ୍ଟର ମିଶ୍ର ବିଶେଷ ଧନ୍ୟବାଦ ଜଣାଇଥିଲେ ।

ଏହି ପରବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ କହିଥିଲେ ଯେ, ପଶ୍ଚିମ ଓଡ଼ିଶାର ଏହି ନୂଆଁଖାଇ ପରବ ଏବେ ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରରେ ପାଳନ ହେବାରେ ଲାଗିଲାଣି । ସେ ଗତ ୨୫ ବର୍ଷ ଧରି ରାଜଧାନୀ ଦିଲ୍ଲୀରେ 'ଜୁହାର' ପରିବାରର ଏହି ସମାରୋହ ସହ ଯୋଡ଼ିହୋଇ ଆସିଛନ୍ତି । ଏପରିକି ଏହି ପରବ ଯେତେବେଳେ ପ୍ରଥମ ଥର ପାଇଁ ଆରମ୍ଭ ହେଲା ସେତେବେଳେ ମଧ୍ୟ ସେ ଏଥିରେ ଭାଗ ନେଇଥିଲେ । ସେ ସବୁବେଳେ ଏହି ପରବ କେବେ ପାଳନ ହେବ ସେଥିପାଇଁ ଅପେକ୍ଷା କରିଥାନ୍ତି । ତେବେ ତାଙ୍କର ପରମ ସୌଭାଗ୍ୟ ଯେ, ସେ ଏବେ ସମ୍ବଲପୁରରୁ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି । ସମ୍ବଲପୁରର ସାଂସଦ ହେବାପରେ ରାଜଧାନୀ ଦିଲ୍ଲୀରେ ଏହା ହେଉଛି ତାଙ୍କର ପ୍ରଥମ ନୂଆଁଖାଇ ପରବ । ସମସ୍ତଙ୍କ ଜୀବନ ସୁଖମୟ ହେଉ ବୋଲି ସେ କାମନା କରିଥିଲେ । ଏହି ଅବସରରେ ତାଙ୍କ ପତ୍ନୀ ମୃଦୁଳା ପ୍ରାଧନ ମଧ୍ୟ ଉପସ୍ଥିତ ରହି ନୂଆଁଖାଇ ଜୁହାର କହିବା ସହ ସମସ୍ତଙ୍କୁ ଏହାର ଶୁଭେଚ୍ଛା ଜଣାଇଥିଲେ ।

କାର୍ଯ୍ୟକ୍ରମ ଆରମ୍ଭରେ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଜୁହାର ପରିବାର ସଭାପତି ରଞ୍ଜନ ପ୍ରଧାନ ଅତିଥିଙ୍କ ସ୍ୱାଗତ କରିଥିଲେ । ସେ କହିଥିଲେ ଯେ, ୧୯୯୯ରେ ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟର ଏକ ଛୋଟ ରୁମ୍‌ରେ ଜୁହାର ପରିବାରର ଜନ୍ମ ହୋଇଥିଲା । ଏବେ ୨୫ ବର୍ଷ ପୂରା ହେବାକୁ ଯାଉଛି । କେବଳ କରୋନା କାଳକୁ ଛାଡି ଦେଲେ ଅନ୍ୟ ବର୍ଷମାନଙ୍କରେ ନୂଆଁଖାଇ ପରବ ରାଜଧାନୀ ଦିଲ୍ଲୀରେ ଅତି ଧୁମ୍‌ଧାମ୍‌ରେ ପାଳନ କରାଯାଉଛି । ଓଡ଼ିଶାର ପରମ୍ପରା, କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ଉପସ୍ଥାପନା କରିବା ହେଉଛି ଜୁହାର ପରିବାରର ଉଦ୍ଦେଶ୍ୟ ବୋଲି ସେ ଉଲ୍ଲେଖ କରିଥିଲେ ।

ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଖ୍ୟାତ ସଞ୍ଚାର ଶିଳ୍ପୀ ଅଲେଖ ସାହୁଙ୍କୁ 'ଜୁହାର ସମ୍ମାନ' ପ୍ରଦାନ କରିଥିଲେ । ସେ ମଧ୍ୟ ଲୋକନାଟ୍ୟ ଶିଳ୍ପୀ ଭୁବନ ଭୋଇଙ୍କୁ 'ଜୁହାର ଅଟଳ ସମ୍ମାନ'ରେ ସମ୍ମାନିତ କରିଥିଲେ । ଏହି ସମାରୋହରେ ଜୁହାର ଦିଲ୍ଲୀ ପରିବାରର ସ୍ମରଣିକା 'ଜୁହାର ସୁରତା' ଉନ୍ମୋଚନ କରାଯାଇଥିଲା ।

ବରଗଡ ସାଂସଦ ପ୍ରଦୀପ ପୁରୋହିତ ଏଥିରେ ଯୋଗ ଦେଇ ଗନ୍ଧମାର୍ଦନ ପାହାଡ ଆନ୍ଦୋଳନ ସମୟର 'ମୋର ମହାପୁରୁ ଡଙ୍ଗର ବୁଢ଼ା... ଗୀତ ଗାଇ ଦର୍ଶକଙ୍କ ମନ ମୋହିଥିଲେ' । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅତିରିକ୍ତ ପ୍ରେସ୍ ସଚିବ ବିଜୟ ନାୟକ, ଓଡ଼ିଶା ଭବନର ପ୍ରମୁଖ ଆବାସିକ କମିଶନର ବିଶାଲ୍ ଗଗନ, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସଚିବ ବିଷ୍ଣୁପଦ ସେଠୀ, ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ବରିଷ୍ଠ ସାମ୍ବାଦିକ ଡକ୍ଟର ଭବାନୀ ଦୀକ୍ଷିତ୍ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । କଳାକାରଙ୍କ ମଧ୍ୟରେ ଲୋକପ୍ରିୟ ସମ୍ବଲପୁରୀ ଗାୟକ ମଣ୍ଟୁ ଛୁରିଆ, ଶାଶ୍ୱତ ତ୍ରିପାଠୀ, ତୁଳାରାମ କଲେତ, ସୌଭାଗ୍ୟଲକ୍ଷ୍ମୀ ଦାସ ଗୀତ ସଙ୍ଗୀତ ପରିବେଷଣ କରିଥିଲେ । ଯୋଗେଶ ଯୋଯୋ ହାସ୍ୟରସ ଓ ବଲାଙ୍ଗୀର କୁସଙ୍ଗର ଜ୍ୟୋତି ଦୁଲୁଦୁଲି ପରିବେଷଣ କରିଥିଲେ ।

ଦ୍ୱିତୀୟ ଦିବସରେ ୟୁକ୍ରେନର ରାଜଦୂତ ଡ଼କ୍ଟର ଓଲେକସାନଦର ପୋଲିଶ ବ୍ଲକ ମୁଖ୍ୟ ଅତିଥି, ଉତ୍ତର ପ୍ରଦେଶ ପୋଲିସ ଅପରାଧ ଶାଖା ମହାନିର୍ଦ୍ଦେଶକ ସତ୍ୟନାରାୟଣ ସାବତ, କେରଳ ପୋଲିସ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସଂଜୀବ ପାଟଯୋଷୀ, ଭାରତୀୟ ନବୀକରଣ ଶକ୍ତି ବିକାଶ ଏଜେନ୍ସି ଆଇଆରଇଡିଏ ନିର୍ଦ୍ଦେଶକ (ଟିଇ) ଡକ୍ଟର ବିଜୟ କୁମାର ମହାନ୍ତି ଓ ଚଳଚ୍ଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ର ସମ୍ମାନିତ ଅତଥି ଭାବେ ଯୋଗ ଦେଇଥିଲେ । ଲୋକପ୍ରିୟ ଗାୟକ ଅସୀମା ପଣ୍ଡା ଓ ସାଥୀ, ଶାଶ୍ୱତ ତ୍ରିପାଠୀ, ସଙ୍ଗୀତା ରାଉତଙ୍କ ଗୀତ, ପ୍ରତିଭା ଭବାନୀପାଟଣାର ବଜାସାଲ, ସମ୍ବଲପୁର ଫୋକ ଆର୍ଟ ସେଣ୍ଟର କଳାକାରଙ୍କ ରସରକେଲି ଓ ନୃତ୍ୟ ନାଟିକା ମାଟିର ମହକ, ରେପ୍ପର ଜ୍ୟୋତିରଞ୍ଜନ ଜେଆରଏମଙ୍କ ସମ୍ବଲପୁରୀ ରେପ୍ପ ସଙ୍ଗୀତ, ବଲାଙ୍ଗୀର ଜିଲା 'ଜ୍ୟୋତି' ଅନୁଷ୍ଠାନର ଦୁଲଦୁଲି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଅତିଥି ଓ ଦର୍ଶକମାନେ ସୋନପୁର ଜିଲ୍ଲାର ଅର୍ଜୁନ ରଥଙ୍କର ପ୍ରସ୍ତୁତ ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ କରଡ଼ି ହେଁଡୁଆ, ଆମିଲ ଲେଥା, ଆରସା ସହ ଅନ୍ୟ ଖାଦ୍ୟର ମଜା ନେଇଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ରଞ୍ଜନ ପ୍ରଧାନ, ମାନସ ମିଶ୍ର, କୁନ୍ତଳା ଭୋଇ, ବିଜୟାନନ୍ଦ ନାଏକ, ଅନୁପମ ମିଶ୍ର, ଦେବାଶିଷ ମାଝୀ, ପିନାକୀ ପ୍ରସାଦ ରଥ, ବିବେକ ପାତ୍ର, ଦେବଦତ୍ତ ଦାଶ, ବିଜୟ ତ୍ରିପାଠୀ, ବାସୁଦେବ ତ୍ରିପାଠୀ, ସୁନୀଲ ପଟେଲ, ସର୍ବେଶ୍ୱର ପଧାନ, ଜଗଦୀଶ ପଟେଲ, ଚନ୍ଦ୍ରଶେଖର ପାଢ଼ୀ, କୈଳାଶ ନାଏକ, ଅଜିତ ଦାଶ, ତାପସ ଷଡ଼ଙ୍ଗୀ, ଶ୍ରୀକାନ୍ତ ମିଶ୍ର, ମାନସ ମହାନ୍ତି, ଅରକ୍ଷିତ ଶାସ୍ତ୍ରୀ, ସତ୍ୟ ପ୍ରଧାନ, ଆକାଶ ପାଣିଗ୍ରାହୀ, ସୁଜିତ ପଟେଲ, ଦୀନେଶ ନାୟକ, ବଦ୍ରିନାରାୟଣ ମିଶ୍ର, ମନୋଜ ପ୍ରଧାନ, ମାନସ ସାହୁ, ସୁଧୀର ସାହୁ, ପଞ୍ଚାନନ ପ୍ରଧାନ, କେଶବ ତାମୁକା, ରାଜୀବ ଦଣ୍ଡସେନା, ମନୋଜ ସାହୁ, ଦିଲୀପ ବେହେରା, ମାନସ ପାଢ଼ୀ, ନିର୍ମଳ ଦେହରୀ, ରାଜ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ପାଲା ଗାୟକ ରାଧେଶ୍ୟାମ ପଣ୍ଡା ସମ୍ବର୍ଦ୍ଧିତ

ଭୁବନେଶ୍ୱର : ବିଶିଷ୍ଟ ପାଲା ଗାୟକ ରାଧେଶ୍ୟାମ ପଣ୍ଡାଙ୍କୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଭଞ୍ଜ କଳାମଣ୍ଡପ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ପାଲା ସମ୍ମାନରେ ଏକାଡେମୀର ସଚିବ ପ୍ରବୋଧ ରଥ ଶ୍ରୀ ପଣ୍ଡାଙ୍କର ଜୀବନ ବ୍ୟାପୀ ନିଷ୍ଠାପର ସାରସ୍ୱତ ସାଧନା ଓ ଶାଶ୍ୱତ ସିଦ୍ଧିର ସ୍ୱୀକୃତି ଜଣାଇ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ସମ୍ବଲପୁର ଜିଲ୍ଲା ଗୋଶାଳା ନିକଟସ୍ଥ ସତୀ ଯୋର ଗ୍ରାମର ବାସିନ୍ଦା ଶ୍ରୀ ପଣ୍ଡାଙ୍କର ଉତ୍କୃଷ୍ଟ ପାଲା ପରିବେଷଣ ପାଇଁ ତାଙ୍କର ବିଶେଷ ଖ୍ୟାତି ରହିଛି । ସେ ସମଲେଶ୍ୱରୀ ପାଲା ପରିଷଦର ସଭାପତି ଅଛନ୍ତି । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିବାରୁ ବହୁ ବିଶିଷ୍ଟ ବ୍ୟକ୍ତି ପାଲା କଳାକାର ଓ ପାଲା ପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି ।



# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନଭଞ୍ଜନ ନାଏକଙ୍କ ପରଲୋକ

ସମ୍ବଲପୁର : ବ୍ରଜରାଜନଗର ଓ.ପି.ଏମ୍ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନଭଞ୍ଜନ ନାଏକ(୮୨)ଙ୍କ ଗତ ମଙ୍ଗଳବାର ଦିନ ରାୟପୁର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ସେ ତାଙ୍କ ପଛରେ ସ୍ତ୍ରୀ ଜ୍ୟୋତ୍ସ୍ନାମୟୀ, ପୁଅ ଅଧାପକ ରାକେଶ ନାଏକ, ପୁତ୍ରବଧୂ ଓ ନାତିନାତୁଣୀଙ୍କୁ ଛାଡି ଚାଲିଯାଇଛନ୍ତି । ସ୍ୱର୍ଗତ ନାଏକ କୁଚିଣ୍ଡା ହାଇସ୍କୁଲ, କିଲାସମା ହାଇସ୍କୁଲ, ସରବାହାଲ ହାଇସ୍କୁଲ, ନ୍ୟୁ ରମ୍ପେଲା ହାଇସ୍କୁଲରେ ଶିକ୍ଷକତା କରିଥିଲେ । ଅବସର ଗ୍ରହଣ ପରେ ସମ୍ବଲପୁର ବରିଷ୍ଠ ନାଗରିକ ସଂଘର ସେ ଜଣେ ସକ୍ରିୟ ସଦସ୍ୟ ଥିଲେ । ଫଟୋଗ୍ରାଫି ଓ ଜ୍ୟୋତିଷ ଶାସ୍ତ୍ରରେ ତାଙ୍କ ସ୍ୱତନ୍ତ୍ର ରୁଚି ରହିଥିଲା ।



ରାୟପୁରରୁ ସ୍ୱର୍ଗତ ନାଏକଙ୍କ ମରଶରୀରକୁ ସାକ୍ଷୀପଡା କୁରେଇଟୋଲା ନ୍ୟୁ ବ୍ୟାଙ୍କ କଲୋନୀ ସ୍ଥିତ ବାସଭବନକୁ ଅଣାଯାଇଥିଲା । ସେଠାରେ ତାଙ୍କର ଆତ୍ମୀୟ ସ୍ୱଜନ ଶେଷ ଦର୍ଶନ କରିବା ପରେ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସ୍ୱର୍ଗତ ନାଏକ ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମର ମୁଖ୍ୟ ସମୀର ନାଏକଙ୍କ କାକା ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra